

ବନମାଳିକା

ଶ୍ରୀମତୀ ଅପର୍ଣ୍ଣା ଦେବୀ

ବନମାଳତୀ



ଲେଖିକା

କବିତାବଲ୍ଲଭା

ଶ୍ରୀମତୀ ଅପର୍ଣ୍ଣା ଦେବୀ

ଦ୍ୱିତୀୟ ମୁଦ୍ରଣ

୧୯୫୫

ପ୍ରକାଶକ

ଶ୍ରୀ ଉମାଚରଣ ମହାନ୍ତି

ପ୍ରୋପ୍ରାଇଟର, କଟକ ପବ୍ଲିଶିଙ୍ଗ୍ ହାଉସ୍,

ନୟାସଡ଼କ, ପୋ: ଅ: ଚାନ୍ଦିନୀଚୌକ,

କଟକ

ମୂଲ୍ୟ ଟ ୧୲ ଏକଟଙ୍କା ମାତ୍ର

ଭୂମିକା

ଉତ୍କଳର ପ୍ରସିଦ୍ଧ ଲେଖିକା ଶ୍ରୀମତୀ ଅପର୍ଣ୍ଣା ଦେବୀଙ୍କ ପ୍ରଣୀତ 'ବନମାଳତୀ' କାବ୍ୟ ପାଠ କରି ପରମ ପ୍ରୀତି ଲାଭ କଲୁ । ଲେଖିକା ଉତ୍କଳ-ସାହିତ୍ୟ କ୍ଷେତ୍ରରେ ସୁପରିଚିତା; ତେଣୁ ଏହାଙ୍କ ସମ୍ବନ୍ଧରେ ଏତିକି କହିଲେ ଯଥେଷ୍ଟ ହେବ ଯେ, ସେ ସ୍ୱୀୟ ଅଧ୍ୟବସାୟ ଓ ପ୍ରତିଭା ବଳରେ ନାନା ଗଦ୍ୟ ଓ ପଦ୍ୟକାବ୍ୟ ପ୍ରଣୟନ କରି ଉତ୍କଳ-ଭାରତୀଙ୍କ ଅଙ୍ଗ-ସୌଷ୍ଠବ ସମ୍ପାଦନ କରିବା ସଙ୍ଗେ ସଙ୍ଗେ ଉତ୍କଳର ତଥା ଉତ୍କଳ-ନାରୀ ସମାଜର ଗୌରବ ବୃଦ୍ଧି କରୁ-ଅଛନ୍ତି ।

ଚମତ୍କାରିତା ପ୍ରତିପାଦନ, ରସର ଅଭିବ୍ୟକ୍ତି ଓ ସାହିତ୍ୟର ଶ୍ରୀବୃଦ୍ଧି ସାଧନ କାବ୍ୟର ଚରମ ଲକ୍ଷ୍ୟ । ଉଚ୍ଚଶ୍ରେଣୀର କାବ୍ୟ ପାଠ କଲାବେଳେ ପାଠକ ରସରେ ଆପ୍ଲୁତ ହୋଇ ଯେଉଁ ଅନିର୍ବଚନୀୟ ବିମଳ ଆନନ୍ଦ ଉପଭୋଗ କରେ, ସେଥିରେ ସେ ଆତ୍ମହରା ହୋଇପଡ଼େ—ବାହ୍ୟ ଜଗତର ସନ୍ତାପ ଓ ଅନ୍ତରର ଦୁଃଖଶୋକ ବିସ୍ମୃତ ହୋଇ ଏକ ଅନାମୟ ଧାମରେ ବିଚରଣ କରେ । କାବ୍ୟ ତାହା ପ୍ରାଣରେ ଶାନ୍ତି-ସୁଧା ଢାଳିଦିଏ । ପ୍ରତିଭା ଓ କଳ୍ପନା ବଳରେ କବି ଯେଉଁ ନୂତନ ତତ୍ତ୍ୱ ଉଦ୍ଘାଟନ କରନ୍ତି, ସଞ୍ଜୀବନୀ ମନ୍ତ୍ରରେ ଯେଉଁ ଜୀବନୀ ଶକ୍ତି ପ୍ରଦାନ କରନ୍ତି, ସେଥିରେ ପାଠକ ମୁଗ୍ଧ ହୋଇଯାଏ ଏବଂ ତାହାର ମସ୍ତକ କବିଙ୍କ ନିକଟରେ ସ୍ୱତଃ ଅବନତ ହୋଇପଡ଼େ ।

'ବନମାଳତୀ' କାବ୍ୟ ପାଠ କଲେ ହୃଦୟରେ ଯେ ଆନନ୍ଦ ଓ ପଠନ ପ୍ରତି ଆଗ୍ରହାତିଶଯ୍ୟ ସ୍ୱତଃ ଜାତ ହୁଏ ଏବଂ ପ୍ରାଣ ନାନା ରସରେ ନିମଗ୍ନ ହୁଏ, ଏହାର ସତ୍ୟତା ପାଠକମାନେ ଅନୁଭବ କରିପାରିବେ । ଲେଖିକା ନିଜର ଅପୂର୍ବ ତୂଳିକା ସ୍ପର୍ଶରେ ବିଷୟଟିକୁ ଏପରି ସୁନ୍ଦର ଭାବରେ ଚିତ୍ରଣ କରିଅଛନ୍ତି ଯେ, ତାହାର ପ୍ରତ୍ୟେକ ଭାଗ ରସର ପ୍ରସ୍ରବଣ କହିଲେ ଅତ୍ୟୁକ୍ତି ହେବ ନାହିଁ । ପାଠକ ସମ୍ପ୍ରଦାୟ କାବ୍ୟଟି ପାଠ ନ କରିବା ପର୍ଯ୍ୟନ୍ତ ତୃପ୍ତି ଲାଭ କରିପାରିବେ ନାହିଁ ।

କାବ୍ୟର କଥାବସ୍ତୁ କଳ୍ପନା-ସମ୍ଭୂତ ହେଲେହେଁ ଐତିହାସିକ ଉପାଦାନରେ ସଜ୍ଜିତ ହେଲା ପରି ପ୍ରତୀୟମାନ ହୁଏ । ବାସ୍ତବରେ ବର୍ଣ୍ଣିତ ବିଷୟର ସଜ୍ଜୀକରଣରେ ଲେଖିକା ଯଥାର୍ଥ ପଟୁତା ଓ ରଚନା-କୌଶଳ ପ୍ରଦର୍ଶନ କରିଅଛନ୍ତି ଓ ଏଥିରେ ନାଟକୀୟ ରୀତି ଓ ଔପନ୍ୟାସିକ ଛଟା ସନ୍ନିବେଶିତ ହୋଇଅଛି ।

ନୃପତି ଦେବେନ୍ଦ୍ରକେଶରୀଙ୍କ ପୁତ୍ର ଏହି କାବ୍ୟରେ ନାୟକ ଏବଂ ରାଜନନ୍ଦିନୀ ମାଳତୀ ଏହାର ନାୟିକା । ଉଭୟେ ସଦ୍‌ବଂଶଜ ଓ ନାୟକନାୟିକା-ସୁଲଭ ଗୁଣଯୁକ୍ତ; ମାତ୍ର ଭାଗ୍ୟ-ବିପର୍ଯ୍ୟୟରେ ମାଳତୀ ବନବାସିନୀ ଓ କିରାତ ଗୃହରେ ପାଳିତା ଏବଂ ପ୍ରଜା-ବତ୍ସଳ ଯୁବରାଜ ମଧ୍ୟ ନିଜ ଭଗିନୀ ଓ ଭଗିନୀପତିଙ୍କ ଦୁର୍ବ୍ୟବହାର ଓ ଅତ୍ୟାଚାରରେ ରାଜ୍ୟସମ୍ପଦ ପରିତ୍ୟାଗ କରି ଶେଷରେ ବନ-ବାସୀ । ବନରେ ନାୟକନାୟିକାଙ୍କ ମଧୁର ମିଳନ ସମାହିତ ହୋଇଅଛି; କିନ୍ତୁ ଏହି ମିଳନ ବେଶୀ ଦିନ ସ୍ଥାୟୀ ହୋଇପାରି ନାହିଁ । ମଦୋଦ୍ଧତା, ଅହଙ୍କାରିଣୀ ଯୁବରାଜଙ୍କ ଭଗିନୀର କୂଟ-ନୀତିରେ ଉଭୟେ ପରସ୍ପରଠାରୁ ବିଚ୍ଛିନ୍ନ ହୋଇ ନାନା ଦୁଃସହ ଯନ୍ତ୍ରଣା

ଓ ନିର୍ଯାତନା ସହ୍ୟ କରି ଶେଷରେ ନିଜର ନିର୍ମଳ ସାଧୁ ଚରିତ୍ର ବଳରେ ଯେପରି ମିଳିତ ହୋଇଅଛନ୍ତି, ତାହା ପାଠକଲେ ଧର୍ମ, ସାଧୁତା, ନ୍ୟାୟପରାୟଣତା, କର୍ତ୍ତବ୍ୟନିଷ୍ଠା ଓ ବିଶୁଦ୍ଧ ପ୍ରେମର ପ୍ରତିଷ୍ଠା ଯେ ଚିରକାଳ ଅକ୍ଷୁଣ୍ଣ ରହେ, ଏହାହିଁ ପ୍ରତିପନ୍ନ ହେବ। ଅତ୍ୟାଚାରୀର ନିର୍ମମ ଅତ୍ୟାଚାରରେ ପ୍ରପୀଡ଼ିତ ନିରୀହ ସରଳ ପ୍ରାଣର କରୁଣ ଆବେଦନ ବଡ଼ ମର୍ମସ୍ପର୍ଶୀ ହୋଇଅଛି। ପରିଣାମରେ ଅଧର୍ମ ଓ ଅତ୍ୟାଚାରର ଘୋର ପରାଜୟ ଯେ ସୁନିଶ୍ଚିତ, ଏହା ଯୁବରାଜଙ୍କ ଭଗିନୀ ଓ ଭଗିନୀପତିଙ୍କ ଚରିତ୍ରରେ ପ୍ରତିଫଳିତ। ସ୍ୱଭାବଜାତ, ନିଃସ୍ୱାର୍ଥ, ଅନାବିଳ ଦାମ୍ପତ୍ୟ ପ୍ରେମ ନିକଟରେ ବାଧାବିଘ୍ନ କିପରି ପ୍ରତିହତ ହୁଏ, ପ୍ରାଣତନ୍ତ୍ରୀରେ ପ୍ରେମର ମଧୁର ଝଙ୍କାର କିପରି ସର୍ବଦା ନିନାଦିତ ହେଉଥାଏ ଓ ବିଚ୍ଛେଦରେ ପ୍ରେମିକ ପ୍ରେମିକା କିପରି ଅବସନ୍ନ ଓ ମ୍ରିୟମାଣ ହୋଇପଡ଼ନ୍ତି— ଏହା ଯୁବରାଜ ଓ କୀରତିଙ୍କ ଜୀବନରେ ବିଶଦଭାବରେ ପ୍ରଦର୍ଶିତ। ଏତଦ୍‌ବ୍ୟତୀତ ତାପସୀ ଚରିତ୍ରର ମଧୁର ସମାବେଶ ବିଶେଷ ଉପାଦେୟ ହୋଇଅଛି। ଏହି ତାପସୀଙ୍କ ଦ୍ୱାରାହିଁ ନାୟକନାୟିକାଙ୍କର ମିଳନ, କୀରତି ପୁତ୍ରର ପ୍ରାଣରକ୍ଷା ଏବଂ ଶେଷରେ କୀରତିର ଜୀବନରହସ୍ୟ ଉଦ୍‌ଘାଟନ ସମ୍ଭବପର ହୋଇଅଛି। ତାପସୀଙ୍କ ସମ୍ବନ୍ଧରେ ଲେଖିକା ଯଥାର୍ଥ ଲେଖିଅଛନ୍ତି—

"କିଏ ଏ ବାତ୍ସଲ୍ୟମୟୀ ତାପସୀ
ସତେ କି କଳିର ଶ୍ରୀପୌର୍ଣ୍ଣମାସୀ।
ରାଧାକୃଷ୍ଣ-ପ୍ରେମ ମିଳନ ବେଳେ
ଅବତୀର୍ଣ୍ଣ ବନ-କାଳିନ୍ଦୀ କୂଳେ।"

କାବ୍ୟଟି ଅଦ୍ୟୋପାନ୍ତ ନୈତିକ ଉପଦେଶରେ ପୂର୍ଣ୍ଣ। ଜାତୀୟ ଜୀବନର ଅଭିବୃଦ୍ଧିରେ ଈଦୃଶ କାବ୍ୟର ଯେ ବିଶେଷ

ମୂଲ୍ୟ ଅଛି, ଏହା ସମସ୍ତେ ସ୍ୱୀକାର କରିବେ । କାବ୍ୟ-ରଚନାରେ ଲେଖିକା ସିଦ୍ଧହସ୍ତା । ଆଲୋଚ୍ୟ କାବ୍ୟରେ ତାହାଙ୍କର ମୌଳିକତା, ଛନ୍ଦୋ ଓ କଳ୍ପନାର ଯଥେଷ୍ଟ ପରିଚୟ ମିଳେ । ଏହାର ଭାଷା ପ୍ରାଞ୍ଜଳ, ସରଳ, ସରସ ଓ ହୃଦୟଗ୍ରାହୀ ହୋଇଅଛି । ତାହା ଅଳଙ୍କାର ସମାବେଶ, ରଚନା-ପରିପାଟୀ ଓ ଜୀବନ୍ତ ପ୍ରାକୃତିକ ବର୍ଣ୍ଣନା ଦ୍ୱାରା କାବ୍ୟଟି ଯେ ସର୍ବାଙ୍ଗସୁନ୍ଦର ହୋଇଅଛି, ଏହା କହିବା ବାହୁଲ୍ୟମାତ୍ର ।

ସର୍ବଗୁଣାନ୍ୱିତା, ବିଦ୍ୟାନୁରାଗିଣୀ, ଦାନଶୀଳା ଝରିଆ ରାଜ୍ୟର ମହାରାଣୀ ଏହି ପୁସ୍ତକର ପ୍ରଥମ ସଂସ୍କରଣ ପ୍ରକାଶ କରି ଲେଖକ ଓ ଲେଖିକାଙ୍କୁ ସମ୍ମାନିତ କରିଅଛନ୍ତି, ତାହା ନୂତନ-ଲେଖକର ଗୁଣଗ୍ରାହିତା ଓ ସାହିତ୍ୟ-ପ୍ରୀତି ପ୍ରଦର୍ଶନ କରି ଦେଶବାସୀଙ୍କର ସମ୍ମାନନୀୟା ହୋଇଅଛନ୍ତି ।

ପୁରୀ
୫।୨।୪୧

ଶ୍ରୀରାମଚନ୍ଦ୍ର ମହାପାତ୍ର
ଅଧ୍ୟାପକ, ରେଭେନ୍ସା କଲେଜ, କଟକ

ବନମାଳତୀ

୧ମ—ବନଶୋଭା

ଅତି ମନୋରମ ପ୍ରଭାତ ଛବି
ଫୁଟନାହିଁ ପରାଗ ଧନେ ବୁଣିହ ।
ବଣ ତରୁଲତା-କୁଞ୍ଜ-ପତରେ
ସୁନ୍ଦର ଶିଶିର ମୁକୁତା ଝରେ ।
ଚକ ଚକ ହେଲା ରବିକିରଣେ
ଜକଜକ ଜାପେ ସୁନାଧାରଣି ।
ଫୁଲୁ ଫୁଲ ଯାଇ ଅଳସେ ନାଚି
ସନ ସଁନ ଗୀତ ଗାଇ ବୁଲନ୍ତି ।
କୁଆ କୁମ୍ଭାଟୁଆ ଡଙ୍କପାଖି
ପ୍ରଭାତେ ଉଠିବା ଦେଇ ବୁଲନ୍ତି ।
ନାଚୁଆ ମୟୂର ଶିଖଣ୍ଡ ଟେକି
ନାଚେ ବାଳାରୁଣ-ପରାଗ ଦେଖି ।
ଝୁରୁ ଚକ ଚକ ଚନ୍ଦ୍ରିକା ଗୁଡ଼ିକ
ଜକ ଜକ କରୁ ଅମ୍ବର ତଳେ ।
ପୁଞ୍ଜି ପୁଞ୍ଜି ପକ୍ଷୀ ଗଛଡାଳେ ବସି
ଗହୁଁ ଗଛେ ଜେଉଁ କାକଳ ସୃଷ୍ଟି ।
ବନେଚରମାନେ ଫୁଲିଣୀ ମନେ
ଗୋଟି ଗୋଟି ଚରି ବୁଲନ୍ତି ବନେ ।

ସକଳେ ସକାଳ ସ୍ନିଗ୍ଧ ପରଶେ
ଖେଳି ବୁଲି ନାଚ କୁଦ ହରଷେ ।
ବୁଲନ୍ତି ଫୁଲଙ୍କେ ଫୁଲାଇ ବୁକୁ
କି ଅହ୍ଲାଦ ହେବ ପଡ଼ଇ ମୁହୁଁ ।
କାହାର କରମେ କି ଅଛି ଆଜ
କିଏ ଦେଖିଛି କି ଫିଟାଇ ପାଞ୍ଜି ।
ନାମ୍ବି ଉପରେ ସବୁଜ ମାଡ଼
ନିବଳ କଥାଭ ଦାଇବାଗ୍ଣଡ଼ ।
ତେଣୁ ମିନା ଅହା, ଶଣାଶିଣୁଟି
ଗୀବନ ବାକଳେ ପଳାଏ ଛୁଟି ।
ଲଳିତ ଦାତୃସୀ ସୁନ୍ଦରୀ-ହାର
ଧାଏଁ ଧରିବାକୁ ହୋଇ ଅଧୀର ।
ଏଇ ନବନୀତ-କୋମଳ ଦେହେ
ଏଇ ସୁକୁମାର କିଶୋର ବୟେ ।
କେ କହୁଛ କାହିଁପାଇଁ ଶ୍ରଧାତା
ଦେଇଅଛି ଅହା, ଏ ନିର୍ମମତା ।
ରତନ-ମଞ୍ଜରୀ ହାରକେ ଭର
ଗୋପନ କପଟି ରଙ୍ଗିଲି ପର,
ବଧିର ଏ ବିଡ଼ମ୍ବନା ବରୂବ
ବୁଝିବାକୁ ଶକ୍ତି ଅଛି କାହାର ?
ନାହିଁ ନାହିଁ ଏ ଯେ ଶବରବାଳା
ଗୀବବର୍ଷ ଯାର ଜୀବିକାମାଳା ।
କଉଡ଼ି ଅଳଙ୍କେ ମଣ୍ଡାଇ ମଥା,
ଝୁଲଇ ବାହୁରେ କଉଡ଼ି ପେନ୍ଥା ।

ଶିଖିପୁଚ୍ଛ ଗୁଚ୍ଛ ଚୂଡ଼ାରେ ଗୁଞ୍ଜି
ଖଞ୍ଜି ଗୁଞ୍ଜାମାଳ ପୁଞ୍ଜିକି ପୁଞ୍ଜି ।
ଅଥୟ ଚରଣେ ଧାଉଁଚ୍ଛି ଯାହା
ପଶ୍ଚତୟ ଏକା ତାହାର ତାହା ।
ଶଶା ଶିଶୁ ଶିଶୁ-ହରଣାକ୍ଷୀଙ୍କ
ଦେଖି ଦଉଡ଼ଇ ଦ୍ରୁତେ ଚମକି ।
ସପଟାଇ କ୍ଷୀଣ ଖଣ୍ଡପୁଚ୍ଛକୁ
ଲପଟାଇ ଶ୍ରୁତିଯୁଗ ପଛକୁ ।
ଚଟି ଚଟି ଗୁଳି ଗୁଢ଼ ଚରଣେ
ଝଂପଟେ ଶଶାଟି ପ୍ରାଣପଣେ ।
ଶବରବାଳିକା ତ୍ରସ୍ତ ତ୍ରାସେ
ଅନୁସରେ ତାକୁ ଅଶାନ୍ତଶ୍ୱାସେ ।
କବରୀ ଖଚିତ କୁସୁମ ଜାଲ
ବକ୍ଷୋଜ-ଚୁମ୍ବିତ ଉପଲମାଳ ।
ବଲ୍ଗୀବରର ଗତିଚଞ୍ଚଳେ
ଅସ୍ତବ୍ୟସ୍ତ ଖସିପଡ଼େ ଭୂତଳେ ।
ତାର-ଫୁଲ ପରି ଗୋଟିକି ଗୋଟି
ଧରିତଳେ ରହିଯାଏ କି ଖୋଟି ।
ଖସିପଡ଼େ ଅବା ସୁଷମା-ଟୀକା
ଚନ୍ଦ୍ରକଳା ଚୁମ୍ବି ଗୁଚ୍ଛ ଚନ୍ଦ୍ରିକା ।
ଶ୍ରମ ସ୍ୱେଦଧାର ବଦନେ ଝଳେ
ମୁକ୍ତା-କେଶର କି ସ୍ୱର୍ଣ୍ଣ-କମଳେ ।
ଅସ୍ତବ୍ୟସ୍ତ ଚୂର୍ଣ୍ଣ କୁନ୍ତଳ ତହିଁ
ଶୈବାଳ ପଙ୍କ୍ତି ପରି ଦିଶଇ ।

ଯେଉଁ ବଧି ବାମବଣେ ସହସା
ବ୍ୟାଧବାଳା ମୂର୍ଚ୍ଛେ ପଡ଼ିଲୁ ଶଶା ।
ଏ ବାଟଦେ ଯିନା ସେ ବଧି ଗାତ
ଶଶା ଗଡ଼ିପଡ଼େ ଚିହ୍ନାଇଲା ବାଡ଼ି ।
ଥକାଗଲା ପାଦ ଅବା ଅକଳେ
ଧରିନେଲା ତାକୁ ବାଳା ଚଞ୍ଚଳେ ।
ଶଶା ସକରୁଣ କାତର ଦୃଷ୍ଟି
ଅବା କରେ କିବା ବେଦନା ବୃଷ୍ଟି ।
ହାୟ, ବାଳାଙ୍କର ବଦନେ ପୁଣି
ସେହୁ ଦେଖୁଥାଏ ଆହ୍ଲାଦ ଭଣି !
ଧିକ୍ ତବ ହୃଦଅ ଏଭଳ ଦୁଃଖେ
ଏତେ ତୃପ୍ତି ପୁଣି ଅବେକ ବୁକେ ?
ବାଲ୍ୟ-ଲୀଳାରେ ଶିବା-ଅଧରା
ଶଶାକୁ ବୁକୁରେ ଯାପଟିଧର ।
ପ୍ରାଣ ପ୍ରାଣସେ ଶୋଷିଛ ଅଣି
ପଦଯୁଗ ଇହୁ ଶଳ୍ପ କି ଲଣି ?
ଚମକି ପଡ଼ିଲ ପଛ ଭକ୍ତରେ
ରହିଗଲ ବାଳା ଶୁଣି ଅଙ୍କରେ ।
କାଦମ୍ବିନୀ ଜନ୍ମେ ମୂରଣା ଭେଙ୍କ
ଥକିଗଲା ଅବା କାମିନୀ ଦେଖି ।
ତରଳ ତଟିନୀ ଲଣାଳ ଶିଳା
ସହସା ତୋଟି କି ଅଟକିଗଲା ?
ଅପୂର୍ବ ତାପସୀ-ମୂରତି ଦେଖି
ଶଙ୍କା-ଶେଳ ବୁକେ ବାଜିଗଲା କି ?

ବଲ୍କଲ-ବସନା ଜଟାଧାରିଣୀ
ବହ୍ନି-ଲଗ୍ନା ସ୍ୱର୍ଣ୍ଣ ଜ୍ୟୋତିଶାଳିନୀ,
ସଂଯତେ ତ୍ରିଶୂଳ ଦକ୍ଷିଣ କରେ
ଦୋଳେ କମଣ୍ଡଳୁ ଦକ୍ଷିଣେତରେ,
ଯୁଗଳ ନୟନ ପ୍ରଶାନ୍ତ ବିଭା
ରବିକରେ ରମ୍ୟ କମଳ କିବା !
ଜଳୁଛି ଆନନେ ଉଦାର ଦୀପ୍ତି
ମୂର୍ତ୍ତିମତୀ କି ଏ ସଜନି ଶାନ୍ତି ?
ଧୀର ଶାନ୍ତ ସ୍ନିଗ୍ଧ କୋମଳ କଣ୍ଠ
ଭାଷିଲେ ତାପସୀ ମଧୁର ହାସ୍ୟେ—
"ଏ କି ଶିକାର ବତ୍ସେ ! କି ପାଇଁ ଲାଗି
ହେଉ ଜୀବବଧ ପାତକ-ଭାଗୀ ?
ଅନନ୍ତ ସର୍ଜିତ ପ୍ରାଣି-ସଂସାର
ଅକାରଣେ କର ନାହିଁ ସଂହାର ।
ଜୀବ-ଜୀବଦାତା ଜଗତପତି
ଜୀବର ଯତନେ ପୂରିଅଛନ୍ତି ।
କ୍ଷଣିକ ଆମୋଦେ ମୁଗଧ ହୋଇ
ହୁଅ ନା ମାଅ ଲୋ, ଈଶ୍ୱରଦ୍ରୋହୀ ।
ଜୀବେ ଜୀବେ ଦୟାମୟ ଈଶ୍ୱର
ଡାକୁଛନ୍ତି, ଜୀବେ 'ଦୟା କରଇ' ।
ଦୟାଠାରୁ ବଳି ନାହିଁ ଧରମ
କର ନା ଆଉ ଏ କ୍ରୂର କରମ ।
ଦେଖ ମା ବାଛର ଶଙ୍କା-ଶଂସୃଷ୍ଟି
କି ବିକଳେ ତୋତେ ଦେଉଛି ଦୃଷ୍ଟି ।

ଅଜ୍ଞ ସିନା ତୁହି ବାଳିକା ମାତ୍ର
କାଲି ହୋଇବୁ ତ ସନ୍ତାନ-ମାତ ।
ଏ ମର୍ମମତାକୁ ହୃଦୟେ ରଖି
ମାତୃତ୍ୱ ମାଧୁର୍ଯ୍ୟ ପାଇବୁ ଟିକେ ?
ନାରୀ-ଧର୍ମ ସାର ସେବା ସେନେହ
ଯା ବିନେ ବିଫଳ ଜୀବନ ଦେହ ।
ଜୀବନ ଜନମ ବିଫଳ ଯେବେ
ଜଗତେ ଜୀଇବା କି କାର୍ଯ୍ୟ ତେବେ ?"
ତାପସୀ ଅମୃତ ମଧୁର ବାଣୀ
ଦେଖ ବ୍ୟାଧବାଳା ସୁଭଦ୍ର ଶାଣି ।
ହିଂସା-ଅ[illegible]ମନେ ତାମସୀ ପର
ପଳାଇଲା ପାପ ପିଅସା ଡର ।
ଅନୁତାପ ଅଶ୍ରୁ ମରମ ପଟେ
ପୂରାଇଲା ପଣା ତୋଳି ବିକଟେ ।
ଥରିଲା ଶବରୀ ସର୍ବଶରୀର
ଶିଥିଳ ହୋଇଲା କରପଯୁର ।
ନୁଆଇଁ ଲଜ୍ଜିତ ଲପନଟିକି
ବହିଲା କାତରେ ଗୁହିଁ ଭୂଇଁକି ।
ଧ୍ୱଂସିଦେଲା ଦମ୍ଭ ଦାରୁଣ ଦିକ
ଖସିଗଲା କରୁଁ ଶଶା-ଶାବକ ।
ଚକିତେ ଚମକି ଶ୍ୟାମଳକେଶୀ
ଗୃହୁଁ ଚଞ୍ଚଳେ ନେଷ ନିବେଶି ।
ଦେଖିଲା ତାପସୀ ନାହିଁ ପୁରତେ
ଝପଟେ ଶଶାଟି ଅଦୂର ପଥେ ।
କଲା ନ ପାଇଲା କାହିଁ ତାଳି
ଚଳିଗଲା ମତିଗତ ତା ଭାଳି ।

୨ୟ—ପୁରମାର୍ଗେ

ଗାନନ-କମଳା-କିରୀଟ ପର
ବନପ୍ରାନ୍ତେ ଶୋଭେ ରମ୍ୟ ନଗର ।
ଦେବେନ୍ଦ୍ର-କେଶରୀ ତହିଁ ନୃପତି
ରାଜକାର୍ଯେ ଥିର ଉଦାସ ମତି ।
ବୃଦ୍ଧ ନୃପଙ୍କ ଗିରିଜ ପରଜା କଥା
ମନ୍ତ୍ରିପଦେ ସ୍ୱୟଂ ରାଜ-ଜାମାତା ।
ଅତିହୀନ ହୃଅ ନିର୍ଦ୍ଦୟ, ମତ
ସ୍ୱାର୍ଥ ରହିଥାଏ ସର୍ବଥା ସାଥି ।
ଅହଙ୍କାରେ ମଣି ଧରିକୁ ସରା
ଶାସଇ ମୁଲକ ପିଶାଚ ପରା ।
ପୁଣି ପ୍ରିୟତମା ରାଜନନ୍ଦନୀ
ମିଳିଥିଲା ତାକୁ ଯୋଗ୍ୟ ସଙ୍ଗିନୀ
ଅମାତମୀ ପର ତୁମୂଳ-ତମେ
ଘୋଇ ଦେଇଥିଲେ ଦେଶ ଦୁଷ୍କର୍ମେ ।
ଶ୍ମଶାନ-ତୁଳସୀ ସଦୃଶ ଏକା
ଥିଲେ ଯୁବରାଜ କୁମାର-ଟୀକା ।
ଭଗିନୀ ଭଗିନୀ-ବଲ୍ଲଭ ରୀତି
ଦେଉଥିଲା ତାଙ୍କୁ ଲ୍ପସମ ଭୀତି ।
ଭଲ ହେଉଥିଲେ ଭବିଷ୍ୟ ପାଇଁ
ସତତ ପରଜା ବ୍ୟଥା ଧୂଆଇ ।

ଝୁରି ହେଉଥିଲେ ଉପାୟ ଚିନ୍ତି
ଝରୁଥିଲା ଲହ ଲପନ ତନ୍ତ୍ର ।
ନିଦାଘ ନିରାଠ ମଧ୍ୟାହ୍ନ ବେଳେ
ସୁପ୍ତ ଶ୍ରାନ୍ତ ସୃଷ୍ଟି ବିରାମ ଶେଯେ ।
ଝାଞ୍ଜି ଦେଉଥିଲା ଜଗତ ଜାଳି
ଖର ଖରାଶର ମରୀଚିମାଳୀ ।
ଥରେ ଅଧରେ ଥିର ପକ୍ଷି-କୂଜନ
ନୀରବତା କରୁଥିଲା ଭଞ୍ଜନ ।
ନିଶ୍ଚଳ ଥିଲା ବୃକ୍ଷ ପବନ ଗଲି
ଲୁଚିଥିଲା ବଣି ଛାଡ଼ିଲା ବାଣୀ ।
[illegible]-ମଣ୍ଡିତ ପାଦପ-ଲତା
ଝାଉଁଳି ପଡ଼ିଥିଲେ କି ନୁଆଁଇ ମଥା ।
'ଜଳ ଜଳ' ବୋଲି ଶୁକ ଶାରିକା
ପକାଉଥାଅନ୍ତି ପିଞ୍ଜରୁ ଡକା ।
ଟିଙ୍କ କଙ୍କ ପୁଚ୍ଛ ଶୁଣ୍ଢି ସଙ୍କୁଚି
ବିପ୍ରେମ ବହଳ ଛାୟାରେ ଲୁଚି ।
ପୋଷା ପକ୍ଷିକୁଳ ତୃଷା ଆକୁଳେ
ଶୋଷନ୍ତି ସଲିଳ ସରସୀ କୂଳେ ।
ମୟୂରମୟୂରୀ ଡାଳରେ ବସି
ଝାଡ଼ନ୍ତି ଶିଖଣ୍ଡ ପଡ଼ଇ ଖସି ।
ବିଶ୍ରାମ ନିଳୟେ ସୁରବରଜନୀ
ରାଜ୍ୟ-ଚିନ୍ତା-ଜଳେ ଥାଇ ମଗନ ।
ବହୁଥିଲେ ଦେହାଇ ଉଷ୍ଣ ନିଶ୍ୱାସ
ପଲଙ୍କ ଅଙ୍କରେ ଅର୍ଦ୍ଧଶାୟିତ ।

ସହସା ପାଇକ ବିକଟସ୍ୱର
ଲଳିତ କଳ୍ୟାଣୀ ବିଳାପ ସ୍ୱର ।
ଶୁଣି ସିଂହଦ୍ୱାରେ, ଚକିତେ ଉଠି
ଦେଲେ ବାତାୟନ ମାର୍ଗେ ଦୃଷ୍ଟି ।
ଦେଖିଲେ ଯୋଡ଼ାଇ ବାଳିକା ଏକ
ପ୍ରହାରଇ ତାକୁ କ୍ରୂର ପାଇକ ।
ରାଜଜେମା ତହିଁ ବିକଟ ହାସେ
'ମାର', 'ମାର' ବୋଲି ଡାକନ୍ତେ ସ୍ପଷ୍ଟ ।
ଦୟାର ଆଧାର ରାଜକୁମାର
ବିଲୋକି ଦୃଶ୍ୟ ଏ ଅତ୍ୟାଚାର
ଧୈର୍ଯ୍ୟ ଆଉ କାହିଁ ପାରନ୍ତି ବହି ?
ଅଥୟ ହୃଦ ଯେ ଦୁଃଖର ଦହି ।
ଡାକିଲେ ପ୍ରାସାଦୁଁ ଆସି ତଳକୁ
ପୁଚ୍ଛିଲେ କାରଣ ଦ୍ୱାରପାଳଙ୍କୁ ।
ନୀରବେ ରହିଲା ନମି ଦୁଆରୀ,
ଗରବେ ବୋଇଲା ରାଜକୁମାରୀ—
"ଦୁଷ୍ଟା ବାଳିକାକୁ ମୋର ଆଜ୍ଞାରେ
ଧରି ଆଣି ଘରୁ ପାଇକ ମାରେ ।"
ପୁଚ୍ଛିଲେ କୁମାର "କି ଦୋଷ ତାର ?"
"ତୁମ୍ଭେ ତା ବୁଝିବା ନୁହେ ସୁନ୍ଦର"
ବୋଲି ରାଜଜେମା ସରୋଷେ ଚାହିଁ
ପରୁଷ ବଚନେ ପୁଣି କହଇ—
"ଏ ସବୁ ବିଷୟେ ମୋ ଅଧିକାର
ରହିଛି ଯଥେଷ୍ଟ ଜାଣ କୁମାର ।

ଶୋଇଥିଲି ମୁହିଁ ଏ ଦୁଷ୍ଟା ଲାଗି
ଗଲା ମୋର ସୁଖ-ଶୟନ ଭାଙ୍ଗି ।
ଦୁଇ ପହରଅ ଖରା ବେଳରେ
ଘଡ଼ର଼ଘଡ଼ର ଘୋରଣା କରେ ।
ଅଡ଼ିଆ ପଡ଼ଇ ଲୋକର କାନେ
ଏଣିକି ରହନ୍ତୁ ସେ ତା ସାବଧାନେ ।”
ନିଷ୍ଠୁର ଭଗିନୀ କଠୋର କଥା
ଦେଲା ଯୁବରାଜ ପରାଣେ ବ୍ୟଥା ।
ଇଙ୍ଗିତେ କୁମାର ପାଇକେ ଡାକି
ମୁକ୍ତ କରିଦେଲେ ବାଳକାଟିକି ।
ବିଷଣ୍ଣ ବଦନେ ବୋଇଲେ ପୁଣି
ରାଜକୁମାରୀକି, “ଶୁଣ ଭଉଣି,
ଏ ନୁହଇ ରାଜଧର୍ମ ଉଚିତ
ହୁଅଇ ବରଞ୍ଚ ପାପ ସଞ୍ଚିତ ।
ପ୍ରଜା ପାଇଁ ସିନା ରାଜା ରାଜତ୍ୱ
ପରଜାପୀଡ଼ନେ କାହିଁ ମହତ୍ତ୍ୱ ?
ଲଘୁ ଦୋଷେ ଗୁରୁ ଦଣ୍ଡ ପ୍ରଦାନ
ନୁହେଁ ରାଜଧର୍ମ ନୁହେଁ ବିଧାନ ।
ପ୍ରଜାପୁଞ୍ଜ ପ୍ରିୟ ରାଜା ଜନକ
ଦଣ୍ଡ ମୁଣ୍ଡ ହର୍ତ୍ତା କର୍ତ୍ତା ପାଳକ
ରକ୍ଷକ ଭକ୍ଷକ ଯେବେ ହୁଅଇ
ଆଉ କି ରାଜଶିରୀ ରହଇ ?
ରାଜପଦ ସୃଷ୍ଟି ପରଜା ଲାଗି
ପ୍ରଜା ଲାଗି ରାଜା ବିଭବଭାଗୀ ।

ପ୍ରଜା ହେତେ ରାଜା ରାଜୁଡ଼ପଣି
ରାଜଧର୍ମ ତେଣୁ ପ୍ରଜାରଞ୍ଜନ ।
ପ୍ରଜା-ପ୍ରାଣ ରାଜା ନାହିଁ ଯେ ରାଜ୍ୟେ
ଧିକ ତା ରାଜତ୍ୱ ରାଜ-ସମାଜେ ।
ପ୍ରଜା-ସୁଖେ ଯାର ନାହିଁ ହୃଦୟ
ପ୍ରଜା ସ୍ୱତ୍ୱ ଯାର ପ୍ରାଣ ନିର୍ଦ୍ଦୟ;
ପ୍ରଜା ଦୁଃଖେ ଯାର ନ କାନ୍ଦେ ପ୍ରାଣ,
ପ୍ରଜା-ବ୍ୟଥା ଯାର ନ ଶୁଣେ କାନ ।
ପୁତ୍ର ପରି ଯେହୁ ନ ମାନେ ପ୍ରଜା
ନର ଦେହେ ସେହୁ ପିଶାଚ ରଜା ।
ରାଜ-ସଂସାରେ ସେ କୁଳକଳଙ୍କ
ଜଗତେ ଜନ୍ମି ତା ଜୀବନ ଧିକ୍ ।
ପ୍ରଜା ଝାଳବୁହା ଅର୍ଜିତ ବିତ୍ତେ
ସୁଖ ଉପଭୋଗ କରି ନିଶ୍ଚିନ୍ତେ
ଆମୋଦ କୌତୁକେ କାଟିବା କାଳ
ନୁହେଁ ରାଜ-ଧର୍ମ ନୀତି କେବଳ ।
ଦଳିବା ପାଇଁ କି ପରଜା ପ୍ରାଣ
ହୋଇ ନାହିଁ ରାଜପଦ ଭିଆଣ ।
ସିଂହାସନ ନୁହେଁ ଶରାସନ ତା
ଦଣ୍ଡ ଯହିଁ ଦଣ୍ଡିତ ରାଜୁ ଛତା
ରାଜ-ଉପଗ୍ରହ ଅଛି ଯାହାକି
ରାଜକର୍ତ୍ତବ୍ୟର ସେ ମାପକାଠି ।
ଅତଏବେ ଗଲେ ଅଳସ ଛୁଡ଼ି
ଯାଏ ଇହ ପର ଶାନ୍ତି ଭୁଞ୍ଜି ।

ପାତକ ପସରା ମୁଣ୍ଡାଇ ମୁଣ୍ଡେ
ପଡ଼େ ଅନ୍ତିମେ ନରକ କୁଣ୍ଡେ ।
ପରଜା-ପୀଡ଼ନ ଶୀତ ଏ ରାଜ୍ୟେ
ବଡ଼ ବ୍ୟଥା ଭଗ୍ନି, ଏ ବୁକେ ବାଜେ ।
ପ୍ରଜା-ଅଭିଶାପେ ହୃଦୟେ ମୋର
ବେଳୁ ବେଳ ବଢ଼େ ଅଶାନ୍ତି ଘୋର ।
ଜୀବନ୍ତ ଦଗଧ ଦେହ ଜୀବନ
ପ୍ରାଏ, ଛଟପଟ ହୁଅଇ ମନ ।
ପ୍ରବଳେ ପରାଣ ପୀଡ଼େ ସନ୍ତାପ
ସହି ହୁଏ ନାହିଁ ଆଉ ତା ତାପ ।
କହିଲି ତୁଅବ ଯେତେକ କଥା
ତୁମଙ୍କୁ ଅରୁଚି ଲାଗୁଥିବ ତା ।
ମୋର ଅଭିରୁଚି ଯାହା ମାତର
କହିଲି ଏଣିକି ଯା' ଇଚ୍ଛା କର ।
ନାହିଁ ମୋର ଏଥି ରହିବା କାର୍ଯ୍ୟ
କରମ ଅଦବ ଯାଉଛି ଅର୍ଜ୍ଜ'—
ବୋଲି ଯୁବରାଜ ବିରାଗ ମନେ
ରାଜ୍ୟ ତେଜି ଗଲେ ଗହନ ବନେ ।

୩ୟ—କୁଞ୍ଜପୁରେ

କିରାତ-କୁମାରୀ ନାମ କୀରତି
ସୁଷମାକୁ ସରି ନ ହେବ ରତି ।
ଅତି ଅଳିଅଳେ ବୁଲଇ ବନେ
ବନଲକ୍ଷ୍ମୀ ପରି ଅବାକ ମନେ ।
ପ୍ରଭାତେ ପ୍ରଦୋଷେ ନିତିପରତି
ପକ୍ଷୀପିଲା ମେଳେ ଖେଳେ କୀରତି ।
ଅଦୂର ସୈକତେ, ସରିତକୂଳ
କେବେ ବା ଶ୍ୟାମଳ ଶୈଳଚୂଳେ ।
ଲତାପତ୍ର ଗୁଳ୍ମ ଗଛ ଗହଳେ
ଶ୍ୟାମ ଦୁର୍ବାଦଳ ତଳେ ତଳେ ।
ବନବାଳିକାଏ ବିବିଧ ରଙ୍ଗେ
କ୍ରୀଡ଼ନ୍ତି କୌତୁକେ କୀରତି ସଙ୍ଗେ ।
ଭୂମିଲମ୍ବୀ ବଟ ଡାଳରେ ବସି
ଦୋଳି ଖେଳୁଥାଏ ନବରୂପସୀ ।
ବନଫୁଲମାଳେ ବନବାଳାଏ
ଭୂଷିଥାନ୍ତି ଫୁଲପ୍ରତିମା ପ୍ରାଏ ।
ଫୁଲ୍ଲଇନ୍ଦୀବରନେତ୍ରୀ କୀର୍ତ୍ତିକୁ
ଉଜାଡ଼ି ହୃଦୟୁ ଶ୍ରଦ୍ଧା-ପ୍ରୀତିକୁ ।
କୀରତିକୁ କରି କାନନ-ରାଣୀ
ନାଚଯାଉଥାନ୍ତି ସହଚାରିଣୀ ।

ଗୀତ ଗାଇ ଫୁଲ ଅଞ୍ଜଳି ଢାଳି
ଥରେ ଥରେ ଦେଇ ଲଳିତ ତାଳି ।
ଦୋଳାଉଥାଅନ୍ତି ଦୋଳିକୁ ଧୀରେ
ପରବତ ପାଦ କୁଞ୍ଜକୁଟୀରେ ।
ଏଣେ ଯୁବରାଜ ଅଲକ୍ଷ୍ୟେ ଥାଇ
ପିଅନ୍ତି ସେ ଶୋଭା ପ୍ରାଣ ପିହାଇ ।
ସମୀପବରତୀ ଶଇଳ କୋଳେ
ମୁହ୍ୟମାନ ପରି ଅତୃପ୍ତ ତୋଳେ ।
ଏକେ ତ କିଶୋରୀ କନକଲତା
କୁସୁମରତନରାଜି ଭୂଷିତା ।
ସାରଲ୍ୟବିଳାସ ଭଙ୍ଗୀ ଉକୁଟି
କରେ ପୁଣି ତହିଁ ଅହ୍ଲାଦ ବୃଷ୍ଟି ।
ଅନନ୍ୟ ଅଙ୍ଗିନୀ ଅପୂର୍ବଶୋଭୀ
ମନେ ମାନୁଥିଲ, ଅମରେ ମୋହି ।
ଅଚଞ୍ଚଳ ଆଖି ଉଦାସଠାଣି
ଯତ୍ନ ଧୃତ ଦେଉଥିଲ କି ହାଣି ?
କଳକଣ୍ଠୀ କଣ୍ଠ ବାଜେଣୀ ବୀଣା
ନିନ୍ଦୁଥିଲ ହୋଇ ଜଗତଜିଣା ।
ଫୁଟି ଉଠି ଧୀର ଲଳିତ ହାସ୍ୟ
ରଞ୍ଜୁଥିଲ ମଞ୍ଜୁ ଲାବଣ୍ୟ ଆସ୍ୟ ।
ସଖୀଙ୍କ ହୃଦୟ ପୁଲକେ ଭରି
ସଞ୍ଜଫୁଟା ସଜ ଶେଫାଳି ପରି ।
କିଶୋର ବୟସ୍କ କୁମାର ଅବା
ଏଣିବେ କି ଦମ୍ଭେ ସେ ଶୋଭା ପ୍ରଭା ।

ପିଇଲେ ଯେତେକ ସେ ଶୋଭା-ସୁଧା
ବଢ଼ିଲା ତେତେକ ଅତୃପ୍ତ କ୍ଷୁଧା ।
ମନ୍ଦରାକ୍ଷୀ ଶୋଭା ମନ୍ଦର ପରି
ପରାଣକୁ ଘାରଦେଲା ତାଙ୍କର ।
ଯୁବାବର ଚାରବପୁ ଉଜ୍ଜ୍ୱଳ
ଖେଳିଗଲା କିବା ଭାବ-ବିଜୁଳି ।
ବେଳ ଜାଣି ଅବା କୁସୁମପାଣି
ବିନ୍ଧିଦେଲା ପଞ୍ଚଶାୟକ ଶାଣି ।
ହଜିଗଲା ଯୁବା ଯୁବକ ଅଣ୍ଟ
ଭାଜିଗଲା ଅବା ଧୈର୍ଯ୍ୟ-କବାଟ ।
ଥର ଥର ତନୁ ଉଠିଲା ଥରି
ଊଷା ଆଗେ ଉଦେ ଅରୁଣ ପରି ।
କୁମାର ନୟନ ମନ ଅଞ୍ଚଳେ
ବନ୍ଦୀ କଲା ସେହୁ ସୁଷମା ବଳେ ।
ହୋଇ ସେ ମୋହନ ଫାନ୍ଦରେ ଛନ୍ଦ
ହେଲେ ଯୁବରାଜ ବିଷମ ଧନ୍ଦ ।
ବିସ୍ଫାରିତ ପିପାସିତ ଆଖିକି
ଅପଲକେ କୁଞ୍ଜଅୟନେ ରଖି ।
ଅନ୍ଧ ପରି ପଦ ଗୁଳ୍ମ ଚକିତେ
କଣ୍ଟୁଡ଼ି ପଡ଼ିଲେ ତଳେ ତୁରିତେ ।
ଚାହିଁ ଦେଲା ଚାରୁ ଚାମରକେଶୀ
ପଲ୍ଲବରୁଁ କିଏ ପଡ଼ିଲା ଖସି ।
ସହସ୍ର ଚନ୍ଦ୍ରଉଦୟ ସତେ
ଝଡ଼ ପଡ଼ିଲା କି ତା' ନେତ୍ରପଥେ ।

ଚମକ୍କ ଚକ୍କାରେ ଢଅଗି ଦୋଳ
ଚଳିଲ ଚଞ୍ଚଳେ ସଖୀଙ୍କି ବୋଲି—
"ସଅଳ ଦଉଡ଼ ଅସ ଲୋ, ସହି !
ପଟବନ୍ତୁଁ କାଏ ଖସି ପଡ଼ଇ !"
ଖେଳାଇ ବଜୁଳି ଚମକ ବନେ
ଦାଉଡ଼ିଲେ ସର୍ବେ ଦ୍ରୁତ ଚରଣେ ।
କୁମାର-ଚନ୍ଦ୍ରଙ୍କୁ ତାରକା ଭୁଲ
ବେଢ଼ିଗଲେ ବ୍ୟାଧ ବାଳିକାକୁଳ ।
ଭୁବନମୋହନ ମୂରତି ଦେଖି
କେହି ନ ପାରିଲେ ପିଛାଡ଼ ଅଖି ।
ଅଚେତେ ପଡ଼ିଛୁ ଯୁବକବର
ସ୍ରବଇ ସର୍ବାଙ୍ଗୁ ଶୋଣିତ ଧାର ।
ପଡ଼ିଯାଇଅଛୁ ଫିକା ଶ୍ରୀମୁଖ
ବିଦାରିବାକୁ କି କାରତି ବୁକ ।
ସହଚରୀଙ୍କ ସହ ସତ୍ୱରେ
ଲଗିଗଲ ଯୁବରାଜ ସେବାରେ ।
ଅଲସ ଅପାଙ୍ଗୀ ଅନଅଳସେ
ଆହା କି ବ୍ୟଥା ସେ ବୁକେ ବରଷେ ।
କାଏ ଧାଇଁଗଲ ସଞ୍ଜଳ ଆଣି
କେ ବାଝିଲ ଚୁଳ ପତ୍ରବାଞ୍ଛଣି ।
ବିଶଲ୍ୟକରଣୀ ଅଣିବା ପାଇଁ
ସାତ ପାଞ୍ଚ ଗଲେ ଶଇଲେ ଧାଇଁ ।
କାଏ ବା ସଜାଇ ଶକ୍ତଣ ଶିଳା
ଫଗୃହୀତ ଚଜ ବାଟି ବସିଲ ।

ସଜଳନୟନା କିରାତ ମାନ
ସଧୀରେ ସର୍ବାଙ୍ଗେ ବୁଲାଇ ହାତ,
କ୍ଷତ ମୁଖୁଁ ଧୋଇ ଶୋଣିତ-ଧାର
ମଣ୍ଡାଳି ବସିଲେ ବେନି ପୟର ।
ସୁଦକ୍ଷ ସ୍ନାବର ଉଷ୍ମ ପରଶେ
ଆସିଲା ଚେତନା ଧୀର ଅଳସେ ।
ଚାହିଁଲେ କୁମାର ନୟନ ଫେରି
ଯା ଯୋଗୁଁ ଏ ଦଶା ସେଇ ତ ଏଇ ।
ସାର୍ଥକ ମଣିଲେ ପତନ ବ୍ୟଥା
ସେଇ ମୁହୂର୍ତ୍ତେ କି ଛାଡ଼ିଗଲା ତା ।
ଶବର କନ୍ୟାଏ କିରାତ ସାଥେ
ଯତନେ ଯେ ଯାହା ଶକତମତେ
ଧରାଧରି କରି ଯୁବରାଜଙ୍କୁ
ନେଇଗଲେ ପଟପଲ୍ଲୀପୁରକୁ ।

୪ର୍ଥ—ବାପୀତୀରେ

ପ୍ରଦୋଷ ପସର ପୁଞ୍ଜିତ ଛାୟା
ଛାଇ ଆସୁଥାଏ କାନନ କାୟା ।
ସରସେ ସଳିଳେ ସୁବର୍ଣ୍ଣ ବୀଚି
ବନ୍ଧୁଯାଉଥାଏ ସମୀରେ ନାଚି ।
ତୀର ତନୁଲତା ଶିଖରେ ଛୁଟେଣି
ଅସ୍ତରାଗ ରେଖା ଅଙ୍କେ ବୁଣେ ।
ଦୂରରେ ଶିଙ୍ଗି ଘନ ବହଳ ଗାଢ
ଧୀରେ ଉଇଁଅଛେ ସରଗ-ଗୂଢ଼ ।
ଗୋଟି ଗୋଟି କୁଆ 'କାଅ-କା' ରଡ଼ି
କୁଳାୟ କୋଳକୁ ଆସନ୍ତି ଉଡ଼ି ।
ଫର ଫର ରବ ପତଙ୍ଗୀପନ୍ତ
ନୀଡ଼ କୋଡ଼ ଲୋଡ଼ି ଉଡ଼ି ଆସନ୍ତି;
ସନ୍ଧ୍ୟା-ସମାଗମ ବାରତା ବନେ
ପଶୁରନ୍ତି ଅବା କଳ କୂଜନେ ।
ସନ୍ଧ୍ୟାଫୁଟା ସଜମଲ୍ଲିକା ପରି
ଖଣ୍ଡ ମୃଣାଳରୁ ଖଣ୍ଡିଏ ଧରି;
ଉଡ଼ିଯାଉଥାଏ ଡେଣାକୁ ଝାଡ଼ି
ସାରସ ସଲିଲ-ବିଳାସ ଛାଡ଼ି ।
ବାଦୁଡ଼ି-ବଧୂଏ ଚଇଁ-ଚିଁ ଗାଇ
ପେଟ ପାଇଁଟିକେ ଯାଆନ୍ତି ଧାଇଁ ।

ଚକୋର ଚକୋରୀ ପାଦପ ଡାଳେ
ଗାଉଥାନ୍ତି ଗୀତ ଲଳିତ ତାଳେ;
ଥରେ ପ୍ରିୟେ ଥରେ ଅନାଇ ଚୁମ୍ବେ
ଦୋଳି ଯାଉଥା'ନ୍ତି ପ୍ରଣୟ ଛନ୍ଦେ ।
ଚୁମ୍ବୁଁ ଚୁମ୍ବୁଁ ଚୁମ୍ବ ଚେଷ୍ଟା ଚନ୍ଦ୍ରିକା
ଏଣେ ରଚୁଥାଏ ଚନ୍ଦନ-ଟିକା
ଝୋପି ଝୋପି ଛପି ପ୍ରକୃତି ମୁଖେ
ବାସର ବିଦଗ୍ଧା ବସୁଧା ବୁକେ ।
ଗହଳିଆ ଗଛ ବହଳ ଛାଇ
ଚଉଦିଗୁଁ ଦିଏ ଝେରି ଝଣାଇ ।
ସରସୀ ଆରସୀ ଥୋଇ ପୁରତେ
ବନଦେବତା କି ସୋହାଗେ ସତେ,
ନିଶା ଅଭିସାର ବେଶ ବିରଚି
ସଳ ଫୁଲ ଦିଏ କେଶରେ ଖଚି !
ସରସୀ ସୁରମ୍ୟ ସୋପାନାବଳି
ଶୋଭେ ବନଦେବୀ ସୀମନ୍ତ ଭଳି ।
କୀରତି କୀରତି-ପ୍ରିୟ-କୁମାର
ବସି ସେ ଟିକ୍କଣି ଉପରେ ତାର
ବଢ଼ାନ୍ତି ସୁଷମା ଅଧିକ କରି
ଶଶୀ ତାରା ଫୁଲ ଯୁଗଳ ପରି ।
ଅହା କି ବେଦନା ଭରି ଉଦାସେ
ଯୁଗଳ ପରାଣ ଉଜାଣି ଭାସେ ।
ଆଶା-ସ୍ରୋତେ ପ୍ରେମ-ତରଣୀ ଅଗେ
ଛାଡ଼ିଦେଇ ଦୁର୍ଦ୍ଦେ ନବ ଆବେଗେ

ପରଣାମ ପ୍ରତିକୂଳ ବତାସ
ଅଶଙ୍କେ ହୁଅନ୍ତି ଏବେ ହତାଶ ।
ଆଜ ବା କି ଅଛି ତା ପ୍ରତିକାର
ସନ୍ତାପଟି ସିନା ସମ୍ବଳ ସାର ।
କାହିଁ ରାଜେଶ୍ୱର ରାଜକୁମାର
କାହିଁ ବା କୀରତ କନ୍ୟା ଘର ।
ପ୍ରଭେଦ ଆକାଶ ପାତାଳ ନହି
ଚରଣେନ୍ଦୁ ନିଜ ସମ୍ମୁଖେ ରହି ?
ମାଭର ନେପଥ୍ୟ ଆସିବା ପାଇଁ
ଅଜ୍ଞ ତ ହୃଦସ୍ଥ ଅଧୂରେ ନାହିଁ ।
ମିଳନ ମୁହୂର୍ତ୍ତ ଗୃହେଷ୍ଟି ସ୍ପେ
ଯାଉଛନ୍ତି ଗୃହେ ସେ ନିଜ ମନକୁ ।
ଏବେ ଛାତିତଳେ ଅଶଙ୍କା ରସି
କେବେ କି ପାରିବ ତାକୁ ପରଶି ?
ଲଜ୍ଜିତକ ବାଧାବନ୍ଧର ଭୟ
ପାରିବ କି ରୋଧି ପ୍ରେମ-ପ୍ରବାହ ?
ସିନ୍ଧୁ ସୁରଧୂନୀ ସଙ୍ଗମ ପଥ
ବାଲିବନ୍ଧର ବା ଶକ୍ତି କେତେ ?
ଲୁଚୁଛି ନ ପଡ଼ି ରହିବ କିରେ
ଉଜ୍ଜ୍ୱଳ ତେଜ ତା ସମ୍ଭାଳ ଚୀରେ ।
ନବୀନ କିଶୋର ନବ କିଶୋରୀ
କର ପରସ୍ପର ପରାଣ ଚୋରି—
କରିଥିଲେ ଯାହା ଗୋପନେ ବନ୍ଦୀ
ଏବେ ଧରାପଡ଼ି ହୁଅନ୍ତି ଧନ୍ଦି ।

ଭୁଜଙ୍ଗ ଛୁଛୁନ୍ଦ୍ରା ଦଶାରେ ପଡ଼ି
କେହୁ କାହାରିକୁ ନ ପାରେ ଛୁଡ଼ି ।
ଅନାବିଳ ପ୍ରେମେ ଅବଳ ଚିନ୍ତା
ଉକୁଟାଏ କେତେ ଅଗାଧ ବ୍ୟଥା ।
ଦର ଦର ଧାରେ ଲୋତକ-ଜଳେ
ଭସାଇ କପୋଳ ଉର ବଲ୍କଳେ ।
ବସିଛି ଜୀବନ୍ତ ଆହା କି ଦୁଃଖେ
ବିଦୀର୍ଣ୍ଣ ହୃଦୟେ ବିଷଣ୍ଣ ମୁଖେ;
ପିଞ୍ଜର ବିଦାରି ଦୀର୍ଘ ନିଃଶ୍ୱାସେ
ମରମ ବେଦନା ଫୁଟି ବିକାଶେ ।
କୋହଭରେ କଥା ନ ଫୁଟେ ମୁଖୁ
କରକେ ଶତରି ବସୁଧା ବୁକୁ;
ସତେ କି ଏ ଜ୍ୱାଳା ଲୁହେ ନିଭାଇ
ତାହାର ଗରଭେ ଯିବ ଲୁଚାଇ ।
ପ୍ରଣୟ-ପ୍ରତିମା ମ୍ଳାନ ମୂରତି
ପକାଏ ପ୍ରେମିକ-ପ୍ରାଣ କରତି ।
ପ୍ରଣୟ-ଅଧୀର ରାଜକୁମାର
ପୋଛିଦେଇ ପ୍ରିୟା ଲୋତକ-ଧାର;
କର-ପଲ୍ଲବକୁ ଧରି ସୁଧୀରେ
ବୋଇଲେ ଗଦ୍‌ଗଦ୍ କଣ୍ଠେ ଅଧୀରେ—
ମୋ ରାଣୀ, ପରାଣଧନ ଗୋ ତୋତେ
ହୁଅ ନାହିଁ ଆଉ ବିକଳ ଏତେ ।
ଏ କରୁଣାପୂର୍ଣ୍ଣ ଛବି ଉପର
କାଣିକ ଏ ବକ୍ଷେ ବାନ୍ଧ କପଟ ?

ଥାଆନ୍ତା ଶକତ ଯେବେ ସେପରି
ଦେଖାଇଦିଅନ୍ତି ହୃଦୟ ଚିରି ।
ପାଇଲେ ଅପ୍ରାପ୍ୟ ପ୍ରେମପୀରତି
କେହ୍ନେ କି ପାଶୋରପାରେ କୀରତି ?
ଜାଣ ଗୋ ଜୀବନ-ଧନ ! ମୋହର
ରାଜେଶ୍ୱର ପିତା ସ୍ନେହ ଆଦର ।
ରାଜ-ଐଶ୍ୱର୍ଯ୍ୟ ବିଳାସ ସୁଖ
ପାଶୋରିଛି ଚାହିଁ ତମରି ମୁଖ ।
ଶୂନ୍ୟ ପ୍ରାଣ ପୂର୍ଣ୍ଣ କରିଛ ତୁମେ
ତମରି ବିମଳ ସୁନ୍ଦର ପ୍ରେମେ ।
ଏହି ଅଦ୍ଭୁତ ପ୍ରାଣେ କୀରତି
ପାଏ ଗୋ, ତମରି ଲାଗି ଭୁପତି ।
ଏ ଦଗଧ ବକ୍ଷେ ତମରି ଲାଗି
ଅଛି କୋଟି ଆଶା ଅଚେ ଗୋ ଜାଗି ।
ପାଇ ଗୋ ତମରି ପ୍ରେମ-ପରଶ
ଏ ଜୀବନ-ମରୁ ହଣେ ସରସ ।
ଆଗେ ଅନୁରାଗ ସୁଧା ଚଖାଇ
ଏବେ ଯା' ଦେଉଛ ଦୂରେ ପକାଇ ।
କର ତ କୀରତି ଥରେ ବିଚାର
ଏ ଅଭାଗୀ ଆଉ ହେବ କାହାର ?
ଅଳୀକ ଅଣକେ ପରାଣମିତ,
ତୁଅନା ଗୋ, ଆଉ ଏତେ ବ୍ୟଥିତ ।
କଦାପି ଅଧିକ ନୁହଇ ଜାଣ
ପ୍ରେମ ପାଶେ ପ୍ରିୟେ କୁଳସମ୍ମାନ ।

କୁଳନନ୍ଦା-ଭୟ କଳଙ୍କ ତାକୁ
ପାରିବ ନାହିଁ ଗୋ, ପରଶିବାକୁ ।
ଟଳିବ ନାହିଁ ଗୋ ତଳେ ସ୍କନ୍ଧା ସେ
ସୁଖ-ଭୋଗ-ସ୍ପୃହା ଝଡ଼ ବତାସେ ।
ଲାଞ୍ଛନାର ବାଧା-ବନ୍ଧନରାଶି
ତାହାର ପ୍ରବାହେ ଯିବ ଗୋ ଭାସି ।
କରି ନ ପାରିବ ତା ପଥରୋଧ
ରାଜଭୟ, ରାଜଭୋଗ-ସମ୍ପଦ ।
ଆସିଛନ୍ତି ତ ପୁଣି ତ୍ୟାଗି ତାକୁ ।
ଭୀତ କମ୍ପା ଏତେ ବୃଥା କଥାକୁ ?
ପ୍ରାଣର କାନ୍ତ, ଦ୍ୱିଧା ନ କର
କହୁଛି ଫିଟାଇ ମରମ ମୋର ।
ସାକ୍ଷୀ ଏ ଆକାଶ-ପବନ-ପୃଥ୍ୱୀ
ସାକ୍ଷୀ ଏହୁ ଚନ୍ଦ୍ର-ତାରକା-ରାତି ।
ସାକ୍ଷୀ ଗୋ ଏଥିକି ବନଦେବୀଏ
ସାକ୍ଷୀ ମୋ ଅନ୍ତର ପରାଣପ୍ରିୟେ ।
ତ୍ୟାଗି ପାରଇ ରାଜ-ଆସନ
ତ୍ୟାଗି ପାରଇ ଦେହ ଜୀବନ ।
ତ୍ୟାଗି ପାରଇ ଜଗତ ମୁହିଁ
ତୁମଙ୍କୁ ତ୍ୟାଗି ପାରିବ ନାହିଁ ।
ହୃଦୟ-ଆବେଗେ କହୁ ଏତକ
ଯୁବରାଜ ବ୍ୟସ୍ତେ ଫେରାଇଁ ଆଖି—
ଚମକାପଡ଼ିଲେ ଚାହିଁ ଟିକଟେ
ଅପୂର୍ବ ତାପସୀ ଭସ୍ମ ପୁରତେ ।

ପବିତ୍ର ପ୍ରଶାନ୍ତ ଉଦାର ପ୍ରଭା
ମୂର୍ତ୍ତିମତୀ ଆସି ପ୍ରତ୍ୟକ୍ଷ ଅବା !
ଦେଖିଲେ ସେ ସୌମ୍ୟ ଶାନ୍ତମୂରତି
ଜଡ଼ ହୃଦେ ଜାଗିଯିବ ଭକତି ।
ନମିଯିବ ମହା ଦାମ୍ଭିକ ମଥା
କି ଅଧିକ ଅବା ଅପର କଥା !
ବିଧୁର କୁମାର କୁମାରୀ ବ୍ୟଥା
ବିପୁବଳ ଏବା ହୋଇ ବିଦିତା ।
କରୁଣା ଚନ୍ଦ୍ରିକା ଆସିଲେ ଉଇଁ
ଚିତ୍ତ-ଚକୋରକୁ ତୋଷିବା ପାଇଁ ।
ଦେଖି ଯୁବରାଜ ଉଠି ସମ୍ଭ୍ରମେ
ନମିଲେ ତାପସୀ-ପଦେ ବିନମ୍ରେ ।
ଲଜ-ସଗଦୋଳା ମୁଖେ କୀରତି
କଲା ତପସ୍ୱିନୀ ପଦୂରେ ନତି ।
ଊଷା ପଦେ ଯଥା ପ୍ରଭାତୀ ସାଥେ
ବନ୍ଦଇ ଅରୁଣ ଶ୍ରଦ୍ଧା ପ୍ରଣତେ ।
ଆଶିଷି ସ୍ନେହାର୍ଦ୍ର କଣ୍ଠେ ତାପସୀ
ବୋଇଲେ ମୃଦୁଳେ ଅଳପ ହସି—
"ଅପ୍ରାକୃତ ପ୍ରେମେ ହୋଇ ଦୀକ୍ଷିତ
ବିଚଳିତ ତୁମେ, କି ଅଚମ୍ବିତ ।
ପାଇ ପ୍ରେମ-ସୁଧା ରମ୍ୟ ମାଧୁରୀ
ଯାଉଛ ପୁଣି ତା ସ୍ୱଭାବ ଭୁଲି ।
ପ୍ରକୃତ ପ୍ରେମଟି ପ୍ରକୃତି-ଜାତ
ପ୍ରାକୃତଙ୍କ ବଳେ ଶର ଗୁଳିତ ।

ପାଳପାରେ ଏକା ପ୍ରକୃତ ପ୍ରେମୀ
ଆତ୍ମକର୍ତ୍ତବ୍ୟ ଯା' ଆତ୍ମ ସଂଯମି ।
ପ୍ରେମର ପ୍ରକୃତ ନିୟମ ତତ୍ତ୍ୱ
ପାଳିବାକୁ ଏକା ସେହି ସମର୍ଥ ।
ଅନିୟମେ କେବେ ନାହିଁ ତା' ପ୍ରୀତି
ନାହିଁ ତହିଁ ଶାନ୍ତି-ତୃପ୍ତି-ମୁକତି ।
ସ୍ରୋତସ୍ୱତୀ ସ୍ରୋତ ଅବା ଉଲଟେ
ଉଇଁପାରେ ରବି ପଶ୍ଚିମପଟେ ;
ଧାରେ ବା ଲେଉଟିପଡ଼ୁ ଏ ପୃଥ୍ୱୀ
ଅବାହୁଡ଼ା ମାତ୍ର ପ୍ରେମର ଗତି ।
ଶତ ବାଧାବନ୍ଧ ବିପଦ ଦଳି
ତା' ଗତି ମାରଗେ ଯାଏ ସେ ଚଳି
ଏପରି ପ୍ରଭାବ ଯେଉଁ ପ୍ରେମର
ତାକୁ ବତ୍ସ, ତୁମେ କାହିଁକି ଡର ?
ବତ୍ସ ଯୁବରାଜ ମୋ ଆଶୀରତ
ଜଣା ମତେ ତୁମ ଦୁହିଁଙ୍କ ମତ ।
ପବିତ୍ର ପ୍ରଣୟ-ବ୍ରତ ପାଳନେ
ହୁଅ ନାହିଁ ବୃଥା ସନ୍ତାପି ମନେ ।
ଉଠ ମା କୀରତି, ଦ୍ୱିଧା ନ କର
ଗାନ୍ଧର୍ବ ବିଧାନେ କୁମାରେ ବର ।
ପବିତ୍ର ପ୍ରଣୟ-ବନ୍ଧନ ଦେଖି
ହେଉ ଏ ତାପସୀ କୃତାର୍ଥ ଆଜି ।'
କହି ତପସ୍ୱିନୀ କୀର୍ତ୍ତିଙ୍କ ଗୃହିଁ
ବନଫୁଲମାଳା ଦେଲେ ବଢାଇ ।

କଏ ଏ ବାତ୍ସଲ୍ୟମୟୀ ତାପସୀ
ସତେ କି ଭଳର ଶ୍ରୀପୌର୍ଣ୍ଣମାସୀ ।
ରାଧାକୃଷ୍ଣ-ପ୍ରେମ ମିଳନ ବେଳେ
ଅବତୀର୍ଣ୍ଣ ବନ କାଳିନ୍ଦୀ କୂଳେ ।

୫—କାରାକକ୍ଷେ

ଛାଡ଼ି ରାଜପୁର ଭୋଗ-ବିଳାସ
କଲେ ଯୁବରାଜ କାନନ-ବାସ ।
ଅଶାନ୍ତି-ଅନଳୁଁ ନେଇ ନିଷ୍କୃତି
ଲଭିବା ସକାଶେ ହୃଦୟେ ତୃପ୍ତି ।
ଶାନ୍ତିର ଅମୃତମୟ ପରଶେ
ଆସିଥିଲେ ଧାଇଁ ଆଶା-ଆବେଶେ ।
ଦେଶ ଦଶ ଚିନ୍ତା ଥିଲା ଯା ଜଡ଼ି
ଦେଇଥିଲେ ସବୁ ସ୍ମୃତିରୁ ଉଡ଼ି ।
ଦେଇଥିଲା ପୁଣି ପ୍ରାଣେ ପୀରତି
ପବିତ୍ର-ପ୍ରାଣା ପ୍ରିୟା କୀରତି ।
ଯୁଗଳ ଜୀବନ ନିଗଡ଼ ବନ୍ଧେ
ଛନ୍ଦି ହୋଇଥିଲା ପ୍ରଣୟ-ଛନ୍ଦେ ।
ଶବର ପଲ୍ଲୀରେ ସରବେଶ୍ୱର
ଥିଲେ ସବୁରୂପେ ନୃପକୁମାର ।
ଶବରଙ୍କ ସହ ମୃଗୟା ବେଶେ
ବୁଲୁଥିଲେ ଗିରି ଗହନ ଦେଶେ ।
କେବେ ବା ସକଳେ ପାଶେ ହକାରି
କହୁଥିଲେ ନୀତି-କଥା ଉଚାରି ।

ଦେଇ ନବ ନବ ଦୃଷ୍ଟାନ୍ତମାନ
କରୁଥିଲେ ସେବେ ରୁଚି ମାର୍ଜନ ।
ଜାତି-ପ୍ରୀତିମତୀ ମନ୍ତ୍ରର ଦୀକ୍ଷା
କର୍ତ୍ତବ୍ୟ କଠୋର ଦାୟିତ୍ୱ ଶିକ୍ଷା ।
ଦେଇ ଥରେ ଥରେ ଯୁବକ ଦଳେ
କ୍ଷୁଦ୍ର ବିଷୟମାନ ଚକୌଶଳେ ।
ଶିଖାଉଥିଲେ ସେ ଯେଉଁ ଅତି
କର ଚମତ୍କାର ସଦ୍ଗୁର ମତି ।
ଗୁରୁରୂପେ ତେଣୁ ଅନ୍ତରଗତେ
ବାନ୍ଧୁଥିଲେ ତାଙ୍କୁ ସବୁ ଜଗତେ ।
କୁମାରଙ୍କ ପରାମର୍ଶ ନ ନେଇ
କାହିଁରେ ପ୍ରବୃତ୍ତି ନଥିଲେ କେହି ।
କେବେ ଧରି ଧନୁ ଶାରଙ୍ଗ ହସ୍ତେ
ବୁଲନ୍ତି କୁମାର ବନ ପର୍ବତେ ।
ବନଲକ୍ଷ୍ମୀ-ଶୋଭା-ସମ୍ପଦମାନ
ବିମୁଗ୍ଧ ନୟନେ କରି ଲୋକନ,
କାହିଁ ହୋଇଯାନ୍ତି ଅବା ଚକିତ
ବିସ୍ମୟେ ହୁଅନ୍ତି କାହିଁ ଥକିତ ।
ପୀରତି-ପ୍ରତିମା କାନ୍ତି ତୁଲେ
କେବେ ବିହରନ୍ତି ତଟିନୀ କୂଳେ ।
ବିବିଧ ଆମୋଦ କୌତୁକ କରି
ପରମ ପୁଲକେ ପରାଣ ଭରି ।
ଯୁଗଳ ମଧୁର ମୂରତି କାହିଁ
କେବେ ବା ଅଦୂର ପଥରୁ ଚାହିଁ;

ଆନନ୍ଦ ଅଧୀରେ ଶବର-ବାଳୀ
ଏହୁ ଏକ ବୋଲି ଦିଅନ୍ତି ତାଳି—
"ଅମର ରଜା ରେ ଅମର ରାଣୀ
ଦେଖିବ ଦଉଡ଼ ଆସ ଭଉଣୀ।"
ଶବର ଶବରୀ ସାରଲ୍ୟ ଭକ୍ତି
ସଶ୍ରଦ୍ଧ ଉଦାରମଧୁର ପ୍ରୀତି;
କାନ୍ତ-ପୀରତି-ସୁଧା ସୁଅଦ
ଦେଇଥିଲା ତାଙ୍କୁ ଅମର ପଦ।
ଯାଉଥିଲା ଦିନ ଆନନ୍ଦେ ବହୁ
ବନଚର ବେଶେ ବନରେ ରହୁ।
ସହସା ଭାଙ୍ଗିଲା ସୁଖ-ସ୍ୱପନ
ଶତ ବଜ୍ର ଭଳି ହେଲା ପତନ।
ଅକସ୍ମାତ ରାଜ ହୁକୁମ ଆସି
ନେଇଗଲା ଦେଇ କର୍ତ୍ତବ୍ୟ ଫାଶି।
କର୍ତ୍ତବ୍ୟ-ପୂଜାରୀ ଶବରଙ୍କୁ
ସବଳେ ଅର୍ପି ରାଜ ସମ୍ମୁଖୁ।
ଯିବାବେଳେ ଯୁବା ଶବର ପତ୍ନୀ
ବିକଳେ ଶବର ଶବର-ବାଳୀ;
ଲୋଟିଗଲେ କାନ୍ଦ ପଥର ତଳେ
ଭସାଇ ବସୁଧା ଲୋତକ-ଜଳେ।
ସମସ୍ତଙ୍କୁ ସ୍ନେହ ସମ୍ବିତ ଭାଷେ
ସାନ୍ତ୍ୱନା ପ୍ରଦାନ ବହୁରୂପେ ସେ।
ସସତ୍ତ୍ୱା କୀର୍ତ୍ତିକ କେବଳ ବୋଧୁ
ଦେଇପାରିଥିଲେ ଶ୍ରୀହସ୍ତ ମୁଦ।

"ଅଧୀର ନ ହୋଇ ପରାଣ ସହ ।
ଧନା କେତେ ଏଥି ଥାଅ ଗୋ ରହ ।
ଅଚିରେ ମୁଁ ଫେରି ଆସି ତୁମ୍ଭଙ୍କୁ
ନେଇଯିବି ପୁଣି ରାଜପୁରକୁ ।"
ଦେଖି ବ୍ୟାଧ ବେଶ କୁମାରଙ୍କର
ହେଲେ ନରଈଶ କ୍ଷୁବ୍ଧ ବିସ୍ତର ।
କ୍ରୋଧ ଉପେକ୍ଷି ବୋଇଲେ ଧୀରେ
ବାତ୍ସଲ୍ୟ ମଧୁର କୋମଳ ଗୀରେ ।
କୁମାରଙ୍କୁ ପାଶେ ବସାଇ ସ୍ନେହେ,
"ଏ କି ଆଚରଣ କରୁଛ ପ୍ରାୟେ ।
ରାଜପୁତ୍ର ହୋଇ ଇତର ପରି
ନୀଚ ଲୋକ ସଙ୍ଗ ଅନୀତି ଆଚରି
ବନରେ ରହିବା ନୁହେ କି ଲାଜ
ପ୍ରଜା ପାଳିବାରେ ତୋର କି କାର୍ଯ୍ୟ ?
ଛାଡ଼ ସେ ବିରୋଧ କାର୍ଯ୍ୟକଳାପ
ଶୁଣ ଏବେ ମୋର ବଚନ ବାପ !
ପାଟଳୀପୁରରୁ ଆସିଛୁ ଚର
ରାଜଜେମା ପାଇଁ ନେବାକୁ ବର ।
ସୁନ୍ଦରୀ ସିହାଣୀ ରାଜନନ୍ଦନୀ
ସବୁରୂପେ ତୋର ଯୋଗ୍ୟ ସଙ୍ଗିନୀ ।
କରିଛନ୍ତି ବଡ଼ ଶ୍ରଦ୍ଧା ତା ପିତା
କରିବା ସକାଶେ ତୋତେ ଜାମାତା ।"
ଏତକ ମାତର କହୁଁ ରାଜନ
ବିନମ୍ରେ ବୋଇଲେ ରାଜନନ୍ଦନ—

"କ୍ଷମନ୍ତୁ ପିଅର ! ଏତକ ମୋତେ
ବିଭା ହୋଇଛୁ ମୁଁ ଗାନ୍ଧର୍ବମତେ ।
ଶବର ସର୍ଦ୍ଦାର ଝିଅକୁ ଏବେ
ଅନ୍ୟେ ବିଭା କରି ନ ପାରେ କେବେ ।"
ଏକେ ଯୁବରାଜ ବିଦ୍ରୋହ-ଗୀତ
ଦେଇଥିଲ ରାଜହୃଦେ ଅପ୍ରୀତ ।
ତୁକେ ଏ ଦୁଃସହ କଳଙ୍କଭର
ବାଢ଼ି। କଲା ତାଙ୍କ ଧୈର୍ଯ୍ୟହର ।
ରାଜ୍ୟର ଭବିଷ୍ୟ ପାଟ-ଈଶ୍ୱରୀ
କୁଳବଧୂ ପୁଣି ବ୍ୟାଧ-କୁମାରୀ !
କ୍ଷାତ୍ରକୁଳଶ୍ରେଷ୍ଠ ପୃଥିବୀ-ନାଥ
ବୈବାହିକ ବନ୍ଧୁ ବନ୍ୟ କିରାତ !
ଏ ଘୋର ଅନୀତି ଅତ୍ୟୁର ସର୍ବ
ସହନୀୟ କିବା ସହଜେ ହେବ ?
ଅଭିଜାତ୍ୟ ଗର୍ବେ ମହାଭିମାନୀ
ନରପତି ପକ୍ଷେ, ସାକ୍ଷାତେ ଜାଣି ?
ତେଣୁ ରାଜକୋଧାନଳେ ଏ ବାଣୀ
ଢାଳିଦେଲା ପୂର୍ଣ୍ଣ ଆହୁତି ଆଣି ।
କେମା ଜାମାତାଙ୍କ ଭଙ୍ଗିମା ଖଣ୍ଡ
ତାହିଦେଲା ତାକୁ କରି ପ୍ରଚଣ୍ଡ ।
କୁମାର-ବାତ୍ସଲ୍ୟ ମମତା ବଳ
ଗଲା ସେ ଅନଳେ ସମୂଳ ଜଳି ।
ବହୁତ ନିର୍ଦ୍ଦୟ ପରୁଷ ଭାଷେ
ଝିଙ୍ଗାସି କୁମାରେ ପ୍ରଚଣ୍ଡ ରୋଷେ ।

ବାହୁଲେ ନରେଶ କ୍ରୂର ଆଦେଶ
କାରାଗାରେ ନେଇ ବେଗେ ନିବେଶ ।
"ଏ ପାପୀକି ଲୌହ ଶୃଙ୍ଖଳ ଦେଇ"
ମାଣ୍ଡ ଅନୁଚରମାନଙ୍କୁ ଗୃହିଁ ।
ମନଧ୍ୟାନ ଥୋଇ ଶାରଣି ପାଶେ
ରହିଲେ କୁମାର କାରା-ଆବାସେ ।
ପଞ୍ଜୁରିଲା ଶାର ସମାତି ସମ,
ଧିକ୍ ଦାନବ ତୁ କେଡ଼େ ନିର୍ମମ ।

୭ଷ୍ଟୁ — ବନବେଷେ

ରାଜା ରାଜଜେମା ରାଜଜାମାତା
କରନ୍ତି ବିବିଧ ଉପାୟ ଚିନ୍ତା;
ବିଜନ ମନ୍ତ୍ରଣା-ମନ୍ଦିରେ ବସି
କାହାର ସର୍ବସ୍ୱ ଛେଦିବାକୁ ଧ୍ୱଂସି ।
ଲୁନପଡ଼ ଦନ୍ତେ ଘଡ଼ିଏ ରହି
ଫୁସୁ ଫୁସୁ କରି ହୁଅନ୍ତି କହି,
ପୁଣି ସିଂହଦ୍ୱାର ନାଡ଼ ଟିକିଏ
ରଦ କରିଦିଏ ସେ କଥା କିଏ ।
ଅଳପ ଅଳପ ଭ୍ରୂଲତା ଠେକି
କିଏ ବାଢ଼େ ନୂଆ ପ୍ରସ୍ତାବଟିକି ।
ସେଥିରେ ମାଢର ମନ ନ ମାନେ
ଗୁମ୍ମାରି ବସିଯାନ୍ତି ମଉନେ ।
କଳପି କଳପି ଜଳପି ବହେ
ବ୍ୟସ୍ତରେ ନିସତ ହୋଇ କେ ରହେ ।
ଉଦାସ ନେତ୍ରେ କେ ଉର୍ଦ୍ଧ୍ୱକୁ ଚାହିଁ
ଥରେ ଥରେ ଦୀର୍ଘଶ୍ୱାସ ପକାଇ
ଉଶ୍ୱାସେ ମରମ ଗୋପନ କଥା
ଅଭିମାନେ କରି ତଳକୁ ମଥା ।
କିପରି କିରାତକନ୍ୟା ସୋହାଗ
ଯୁବରାଜଙ୍କର ଭାଙ୍ଗିବ ଅଗ;

ପଢ଼ିଅଛୁ ପରା ସେହ୍ନ ମନଃଣୀ
କଥା ଛଠକରୁ ଯାଉଛୁ ଜାଣି ।
ଦମ୍ଭ ଦେଇ ଜେମା ବୋଇଲା, "ପିତଃ,
ଏ ଛାର କଥାକୁ ଏତେ ଚିନ୍ତିତ ?
ଲୋକ ବଳ ସବୁ ନେଇ ମୁଁ ସାଥେ
ଯାଏ ଅଜ ଆଗ ସେହ୍ନ ବନସ୍ତେ ।
ଝିଙ୍ଗଡଗୁଡ଼ାକ ସ୍ୱଭାବେ ସେ ତ
ଅଛୁ ବା ତାଙ୍କର କି କ୍ଷମତ ?
ଆମ ଗତିପଥେ ଦେବାକୁ ବାଧା
ଡରେ ନ ଆସିବେ ପାଖକୁ ସୁଦ୍ଧା ।
ଯେବେ ନ ମାନିବେ ମୋ କଥା କେହ୍ନ
ଅସିବ ପଲ୍ଲୀରେ ନିଆଁ ଲଗେଇ ।
କାଲ ଭଜଣଲେ ଟେଣିକି ଛକି
ପୋଡ଼ି ପକାଇବ କସାଡମୀକି ।
ତାହାର ଲାଗି ତ ଲଟିଛୁ ନାଠ,
ସେ ମଲେ ଭାଜିବ ଭାଇଙ୍କ ଅଣ୍ଟ ।
ଅକଣ୍ଟକେ, କାର୍ଯ୍ୟ ହେବ ଅମର
ଭେଦ୍ଦ ନ ପାଇବେ ଟିକିଏ ଟେର ।
ଏଥିଲାଗି ଅଛୁ, କଥାଏ ଆଉ
କହିବାକୁ ହେବ ସମସ୍ତ ଥାଉଁ ।
ଶୁଣାନେ ଅଛନ୍ତି ତାନ୍ତ୍ରିକ ଏକ
ବେଦନୀତ ତାଙ୍କ ଜାଣା ଅନେକ ।
ତାହାଙ୍କୁ ହକାର ଆଣି ସତ୍ୱର
ଏ ପ୍ରେମ ଭଗନ ଉପାୟ କର ।

ଯେପରି ଶବଶ୍ରୀ ସୋହାଗ ଭୁଲି
ରହିବେ କୁମାର ବୋଲେ ଅମର ।
ଚିର-ଅନୁଗତ କିଙ୍କର ପରି
ତା' ପ୍ରତିକାର ସେ ପାରିବେ କରି ।"
କଲେ ସୀତ୍କାର ସେଥିକି ସିଏ
ଜଡ଼ଦେହ କଲ କମ୍ପିଲ ପ୍ରାଏ ।
କୀରନ୍ତ ପୀରତପୁଅ ଦଳନେ
ଦଳବଳେ ଚନ୍ଦ୍ରମା ଚାଲିଲେ ବନେ ।
ଜନ-ସମାଗମ ରହିଲ ଶୁଣି
ବନେ ବିରହିଣୀ ବିରତିନୁଣୀ ।
କୁମାର ପାଳିତ କଣ୍ଟ ଅଦେହ
ଙ୍ପଟି ଅସିଲ ଦେଖିବା ପାଇଁ ।
"କୁମାର ଅସନ୍ତ, ଅବା ବୋଲି କି
ଅସିଲ ପାଖେଟି ନେବା ପାଇଁକି ।
କସ୍ତିମା ସ୍ଥିର ଜାତିରେ ହୋଇ
ହାତୀ ଚଢ଼ି ଅସେ ସ୍ମୃତି ଫୁଲାଇ ।
ସହମ୍ରାସୁ ନାକ ସହଜେ ହେବ
ରାଜକେମା ଦେଇ ଅଗେ ଏ ଦମ୍ଭ ?
କୀରତିକା କେମା ଗୃକରେ ଗୃହିଁ
ବୋଇଲେ, "ରଖିଲ ପଡ଼ି ଓହ୍ଲାଇ ।
ଦେଖିଲେ ତୋର ଏ ବଢ଼ାଇ ଭଙ୍ଗୀ
ଅମ୍ଭ କେମା ଯିବେ ପ୍ରଚଣ୍ଡେ ଶିଗି ।
ସିଗିଲେ କାହାର କୁହନ୍ତି ସେହି
ଦଣ୍ଡେକେ ଏ ଡଙ୍ଗ ଦେବେ ଛଡ଼ାଇ ।

ଡର ଅଛୁ ଯେବେ କୁଳମାନକୁ
ଚଞ୍ଚଳ ଓହ୍ଲାଇ ପ୍ରଣମ ତାଙ୍କୁ ।”
ଅବାଲ୍ୟ [illegible] କନ୍ୟା ସ୍ୱଭାବେ
ବଢ଼ି ଅସିଅଛୁ ସ୍ୱାଧୀନ ଭାବେ ।
ବନେ ବନେ ଖେଳି ବୁଲି ବିହରୁ
ବ୍ୟୋମ ପଥେ ମୁକ୍ତ ବିହଙ୍ଗୀ ପରୁ ।
ବୁଝିଅ ଦୁର୍ଗମ ଛନ୍ଦ କୁଥର
ବୁଝୁ [illegible] ତାକୁ ଲକ୍ଷ ଜୁହାର ।
ଜେମା କିଙ୍କରଙ୍କ କଥାର ଅର୍ଥ
ବୁଝିବାକୁ ତାର କାହିଁ ସାମର୍ଥ୍ୟ ?
ତାପସୀ ବୁଝାଇ କହୁବା ଅନ୍ତୁ
ବୁଝିଛି ଏତିକିମାତ୍ର ସୁତନୁ ।
'ସଂସାରେ ସବୁର ସମାନ ପ୍ରାଣ
ମାନବମାନଙ୍କ ସଙ୍ଗେ ସମାନ ।
ତେଣୁ ସେ ଶବରୀ ନରଙ୍କ କଥା
ମଣିଲା ମାନିନୀ ଆଶ୍ରମ ପିତା ।
ଆନନ ଟୁଙ୍ଗାଇ ହଲାଇ କର
ବୋଇଲା, “ଗରଜ ପଡ଼ିଛୁ ମୋର ।
ହାତୀରୁ ଓହ୍ଲାଇପଡ଼ିବା ପାଇଁ,
ଜେମା ଫେମା କିଏ ନ ଜାଣେ ମୁହିଁ ।
ରାଜରାଜେଶ୍ୱରୀ, ବୋଇଲେ ଚରେ,
“ଆମ ଜେମାଦେଇ ଏଇ ଦେଶରେ ।”
ଗେଲେଇ ଗେଲେଇ ବଦନ ମୋଡ଼ି
ଅଳପ ରସନା ଓଷ୍ଠେ କାମୋଡ଼ି ।

ବୋଇଲା କୀରତ ଶୈଳାର ତାଙ୍କୁ
“ଡରିଗଲି ପରି ଏଇ କଥାକୁ ।
ତମ ରାଜ୍ୟେଶ୍ୱରୀ କେମାର ପରି
ମୁହିଁ ତ ଏ ବନେ ବନ-ଈଶ୍ୱରୀ
ମୁଁ ତ ତାକୁ ଡାକି ନ ଥିଲି ଯାଇ
ତା ମନକୁ ସିନା ଆସିଛି ସେହି ।
ଆଗ ତେବେ ସେହୁ ପ୍ରଣାମୁ ମତେ
ମୁଁ ତାକୁ ନମିବି ସିନା ପଶ୍ଚାତେ ।”
କୀରତ ଭଣ୍ଡର କଥାର ଛଳ
ତାଚ୍ଛଲ୍ୟପୂର୍ଣ୍ଣ ଭଙ୍ଗୀ ବଢ଼େଇ;
ପାଲିଙ୍କିରେ ଥାଇ ରାଜଦୁଲଣୀ
କ୍ଷଣଦେ ପାରିଲା ସମସ୍ତ ଶୁଣି ।
ଲଜ୍ଜୁ ହୋଇଗଲା ସତେ ନିଅଁ କା
ବାରୁଦ ଗୁଳାରେ ଅଗ୍ନି ଚମକ ?
କ୍ରୋଧ ଉମତତେ ଘୂରାଇ ଆଖି
ବୋଇଲା ଗୁପ୍ତଚରମାନଙ୍କୁ ଡାକି—
“ବେଗେ ଯାଇ ଏହୁ ବନାଭୁଣୀଙ୍କ
ଚୂଟି ଧରି ଅଣ ହାତୀରୁ ଟିଙ୍କି ।
କାନ ମୋଡ଼ି ତଳେ ଦଅ କଗୁଡ଼ି
ତା' ହାତୀ ଗୁଳ୍ଲ ତା ବୁକୁରେ ମାଡ଼ି ।
ତେବେ ଯାଇବ ତା ଗୁମର ଖଣ୍ଡ
ଯେମିତି ଦୋଷକୁ ସେମିତି ଦଣ୍ଡ ।
ନ ପାରିଲେ ସେହୁ ଉତ୍ତମ ଚୌରଶି
ନ ଛାଡ଼ିବି ତେମାଦେଇ ବୋଲି ଚଙ୍ଗ ।”

କହୁ କହୁ ଜେମା, ଜେମା ଗୃହରେ
ବେଢ଼ିଗଲେ କୀର୍ତ୍ତି ଗୃହପାଖରେ ।
ମାର, ମାର ବୋଲି ଚହଳ କରି,
କଳକତରୀଙ୍କୁ ପିମ୍ପୁଡ଼ି ପରି ।
ଭୀଷମ ବିପଦ ବାରି କୀରତ
ପଡ଼ିଲା ତଳକୁ ଡେଇଁ ଉଡ଼ନ୍ତ ।
ଅଦୂର ଜଙ୍ଗଲେ ଦାଉଡ଼ି ଯାଇ
ଆଖି ପିଛୁଡ଼ାକେ ଆସିଲା ଧାଇଁ ।
କାଣ୍ଡ ଧନୁ ଧରି ପ୍ରଚଣ୍ଡ ରାଗେ
ଚଣ୍ଡୀ ପରି ଗର୍ଜେ ଚଢ଼ିଲା ବେଗେ ।
ଜେମା କିଙ୍କରଙ୍କୁ କାଣ୍ଡ ବରଷି
ଲଣ୍ଡଭଣ୍ଡ କରିଦେଲା ସୁକେଶୀ ।
ଖଣ୍ଡା ଧରି ଯେତେ ଜେମା ଗୃହରେ
ହୁଣ୍ଡା ପରି ମାଡିଥିଲେ ସମରେ,
ହଟାଇପାରିଲେ ନାହିଁ କୀର୍ତ୍ତିକୁ
ଲେଉଟି ମଡ଼ିଲେ ଜେମା କଡକୁ ।
ପବନ-କମ୍ପିତ ପତ୍ରର ପରି
ବିକଳେ ଜେମାକୁ ବୋଇଲେ ଥରି—
"ଗୁଲନ୍ତୁ ମଣିମା, ବେଗେ ପଳେଇ
କିରାତଣୀ ନୁହେଁ, କାଳିକା ସେହୁ ।
ଅଉ ଦଣ୍ଡେ ରହୁ ରୋଧିଲେ ତାକୁ
ଗିଳି ପକାଇବ ଆମ ସଭିଙ୍କୁ ।"
କହୁ କହୁ ଭୀତ-ବିହ୍ୱଳ ଦାସେ
ଅପେକ୍ଷା ନ ରଖି ଜେମା ଅଦେଶେ,

ଜେମାର ପାଲ୍କି ବେଗେ କାନ୍ଧେଇ
ପଳାଇଲେ ଛୁଟଛତର ହୋଇ;
ନ ଅନାଇ ସୁଦ୍ଧା ପଛକୁ ଥରେ,
ମିରଗେ ଯେସନ ବାଘୁଣୀ ଡରେ ।
ଫେରିଯାଇ ଜେମା ରାଜ୍ୟକୁ ରାଗେ
ଠିଆ ହେଲା ମନ୍ତ୍ରୀ ଭଉଣୀ ଆଗେ—
"ତମର ହାତରେ ରାଇଜ-ଭାର
ଦେଇ ସର୍ବନାଶ ହେଲା ଆମର ।
ନୋହିଲେ କି ପୁଣି ବଣୁଆ ଜାତି
ଆମରି ଆଗରେ ଚଢ଼ନ୍ତେ ହାତୀ !
ଖାତର କରନ୍ତେ ନାହିଁ ଟିକିଏ
ବୋଲନ୍ତେ,'ଜାଣୁନା ଜେମାଟା କିଏ ?'
ଘର କବାଡଣୀ କାମ ନ କଲା
ନାକ କାଟିନେଇ ହାତରେ ଦେଲା ।
ଶୁଣିଲେ କି ବୋଲି ବୋଲିବେ ଲୋକ
ପୁରୁଷପଣକୁ ତମର ଧିକ ।
ତମରି ଅଯୋଗ୍ୟପଣରୁ ସିନା
ପାଇଲି ମୁଁ ଆଜ ଏତେ ଲାଞ୍ଛନା ।
ଜୀଇଁ ଥିବାଯାକେ ମନରୁ ମୋର
ଯିବ କି ଏ ଦୁଃଖ ଅଉ ପାସୋର ?
ଏଡ଼େ ନାରକରେ ଅଛ ଯା ଜୀଇ
ସରମ କି ତମ ମୁହଁକୁ ନାହିଁ ?
ଏମିତ ଜୀଇଁ ଯା ଥିବ ଜୀବନେ
ମରଣଟି ଶ୍ରେୟ ସହସ୍ର ଗୁଣେ ।

ନ କଲେ ଏଥିର ପ୍ରତିବିଧାନ
ଭୁଞ୍ଜିବ ସବୁ ମହତମାନ ।
ବେଗେ ଦଳବଳେ ବନକୁ ଯାଇ
ଧରିଆଣ ଅତି କ୍ଷୁଧା ଲଗାଇ ।
ସେହି ଗର୍ବଦର୍ଶୀ କିରାତମାନଙ୍କ
ହାତଗୋଡ ବାନ୍ଧି ରଜ୍ଜୁଧାମାନଙ୍କ;
ଚୂନ କାଳି ଦେଇ ଗାଲ ଗାଲକେ
[illegible] ଧାରି ମୂଳକେ ।
ଗର୍ଦ୍ଦଭ ପିଠରେ ତାଙ୍କୁ ବସାଇ
ସର୍ବଗ୍ରାମ କନ୍ଧ ଢେଣ୍ଡୁରା ଦେଇ ।
ଢେଣିକି ମା ହେବ ଅବସ୍ଥା ତାର
ସେ [illegible] ଦାହବା ପଛେ ବାହୁର ।
ନ ଶାସିଲେ ତାଙ୍କୁ ଉଚିତ ଦଣ୍ଡେ
ଶେଷକୁ ସେ ଚଢ଼ି ବସିବ ମୁଣ୍ଡେ ।
ରାଜା ପ୍ରଜା ମାନ୍ୟ ଧର୍ମ ମହତ
ଭୁଞ୍ଜିବ ଏହାଙ୍କ ସମସ୍ତ ।
ଏଥିରେ ଟିକି ହେଳା ନ କର
ନଷ୍ଟଳ ତାହାଙ୍କୁ ଅଣ ହେ ଧରି ।
ଯେବେ ନ ମାରିବ ତାହାଙ୍କୁ ଧରି
ଯୋଡ଼ିଦେଲ ଅସ ଶବର ପଲ୍ଲୀ ।"
କେମା ଉଗ୍ରଚଣ୍ଡୀ ମୂରତି ଦେଖି
ମନ୍ତ୍ରୀର ଗଲା କି ହାଲୁକ ଶୁଖି ।
ସୈନ୍ୟବଳ ଘେନି ସେହି ମୁହୂର୍ତ୍ତେ
ସାଗ ଗରଗଳେ ଗଲା ବନସ୍ତେ ।

ମାନ ଯାହା ଲାଗି ଏତେ ବ୍ୟବସ୍ଥା
ନ ମିଳାଇଲା ସେହୁ କାରଣ ପନ୍ଥା ।
ଖୋଜି ଖୋଜି କୋଥେ ନ ପାଇ କାହିଁ
ଅସିଲା ପଲ୍ଲୀରେ ନାଅଁ ଲଗାଇ ।
ବନ ବନ୍ଧେ ବହ୍ନି ଜଳଇ ଏଣେ
ଗନ୍ଧ ଦୋହଦନୀ ଜୀବନ୍ତି କେଣେ ।

୭ମ—ସଲିଳ-ସ୍ରୋତେ

ତାପସୀ ଆଶ୍ରମ ପର୍ଣ୍ଣକୁଟୀଟି
କି ମଧୁରେ କରେ ଅହ୍ଲାଦ ବୃଷ୍ଟି ।
କାହା 'କୁଆଁ' 'କୁଆଁ' କଳ କାନ୍ଦଣା
ବଜାଏ ଏ ମୃଦୁ କରୁଣ ବୀଣା ।
ପାଦପ ନିତକା ପତର ହାତେ
ଗେଲ୍ କରନ୍ତି କି ତାକୁଇ ଏତେ ।
କନକନେ ଫୁଲ୍‌ଫୁଲିଆ ବାଆ
ସନସନେ ଡାକେ, 'ଖେଳିବୁ ଆ' ଆ ।
କଳକଣ୍ଠେ କେତେ କଲାପ ତୋଳି
ଡାକେ, 'ଆଆ, ଆଆ ଖେଳିବୁ' ବୋଲି ।
ଡଆଁ ମାରି ମାରି ଲୁଅ ମିରଗ,
ଡାକଇ, 'ଆ-ଆରେ ଖେଳିବା ସାଙ୍ଗ !'
ହଳଦୀବସନ୍ତ କୋଳେ ଡାକଇ
'କାନ୍ଦ ନା କାନ୍ଦ ନା କୁନା ରେ' କହୁ;
ଜୁହାର କହେ କି କଳା କୋଇଲି
କାଲି ଅଣିଦେବି ଯୋଡ଼ା ପୋଇଲି
କରିବାକୁ ସବୁ ଜଞ୍ଜାଳ ତୋର,
କାନ୍ଦ ନା ରେ କଳାମାଣିକ ମୋର ।
ଡାକୁଆ ଡାହୁକ ଡହାଇ ଡାକେ
ଲୁଚି ବସି ବଣ ବାଉଁଶ ଫାଙ୍କେ ।

ହେବ ପରା ଏହୁ ନବ ବାଳୁତ
ବିରହ-ବିଧୁର କୀରତ-ପ୍ରାଣ !
ନୋହିଲେ କୀରତ ଆଜ କାହିଁକି
ବାଳପୁଅଟିକି କୋଳରେ ତାଙ୍କ;
ଚୁମା ଖାଉଥାନ୍ତା ଘଡ଼ିକି ଘଡ଼ି
ଛଳଛଳ ନେତ୍ରେ ଛାତିରେ ଭିଡ଼ି ।
କୁମାରି-ପ୍ରତିମ କୁମାର ପାଇ
କହ ଲୋ ଦୁଃଖିନୀ ! କାନ୍ଦୁ କିପାଇଁ ?
ପରାଣବଲ୍ଲଭ ପ୍ରତିମୂରତି
ସଦୃଶ ଶିଶୁକୁ ଦେଖି କୀରତ,
ହୋଇଯାଏ ତାର ସ୍ମୃତି-କରତ,
ଥୋଇଦିଏ ଆଗେ କୁମାର ମୂର୍ତ୍ତି
ସେହି ସୌସାଦୃଶ୍ୟ ଲଳିତ ଠାଣି
କୀରତ ବୁକୁରେ ବରଚ୍ଛି ହାଣି ।
ସେ ବିମଳ ବିଧୁ ବଦନ-ପ୍ରଭା
ଆଖି ଆଗେ ଦିଶିଯାଏ କି ଅବା !
ଅତୀତ ଘଟଣା ଗୋଟିକି ଗୋଟି
ଦିଶଇ ପାସୋର ପେଟିକା ଫିଟି ।
ହୁଅଇ ଅଥୟ କୀରତ ମନ
ନ ରୁଚେ ତାପସୀ ହିତ ବଂଚନ ।
ବିଦଗ୍ଧହୃଦୟା ବରାକୀ ଅହା
ବିଷ ପରି ମଣେ ବସିଲା ଠାଆ ।
କୁମାର ବିଳମ୍ବ ବୁଝି ନ ପାରି
ବେଳୁ ବେଳ ହୁଏ ବାତୁଳୀ ପରି ।

ତେଣୁ ନବଜାତ କୁମାର କଥା
ଦିଏ କୀରତକୁ ଦ୍ୱିଗୁଣ ବ୍ୟଥା ।
ଅଥଚ୍ଚ ଅବତେ କାତର କାର୍ଣ୍ଣି
କୁମାର ଅଗମ ଦେବଦାଳ ଚନ୍ତ୍ର,
ନ ମାନି ପାରେ ତାପସୀ ମନା
ଉତ୍କଣ୍ଠିତ ଥଣା ଅଦାମ୍ୟ ପିନା ।
କୁଅ ପୁଅଟିକୁ କୋଳରେ ଧରି
ଚରଣ-ପଥ ଅନୁସରଣ କରି
କୀଚିତ କାନନ ତେଜିଲା ଏକା,
କରେ ପିନ୍ଧ ପଞ୍ଚଦଶ ମୁଦ୍ରିକା ।
ବାଟେ ଯାଉ ଯେବେ ଅବାଟେ ଗଲେ
ଯାହାକୁ ଦେଖିଲେ ତାକୁ ପଚାରେ:—
"ମୋ କାନ୍ତକୁ ତମେ ଦେଖିଛଟିକି
ଅଜପାଏ ନ ଅଛିଲେ ବାହ୍ନିକି ?"
ପାଗଳୀ ବୋଲି କେ ଟାପରା କରେ
କିଏ ବା ସଦୟେ ବୋଧର ଧରେ,
ବିଲମ୍ବ କାରଣ କହୁ ବା କିଏ
କାରତକୁ ବାଟ ଦେଖେଇଦିଏ ।
ବିଲମ୍ବ କାରଣ ଶୁଣୁ କୀରତି
ରହିଯାଏ କଳ ପିତୁଳୀମତି ।
ଆଖି ବାଟେ ଜୁଳୁଜୁଳୁଅ ଯୋଡ଼
ଭଡ଼ିଯାଏ ଅବା ଶୋଷି ଅଡେଙ୍କ ।
ମନେ ମନେ କରେ ମନାକୁ ଅଣ୍ଡା
ପୁଣି ବଜାବାଜା ବାହରେ ବାଟ ।

ନିରାଶାରେ ବାନ୍ଧ ଅଶାର ବଳ
ହୁଏ କେବେ ଦମ୍ଭ, କାହିଁ ବିକଳ ।
ବାଟେ ତରୁଲତା ତୃଣକୁ ଚାହିଁ
ହୀରନ୍ତ କୁମାର କଥା ପୁଚ୍ଛଇ ।
ପନ୍ତ ଶୀନ୍ତି ଖଡ଼ ଶବଦ ଶୁଣି
କୁମାର ଆସିଲା ପରାଏ ମଣି,
ଉରଉର ପଣ ଦଉଡ଼ିଯାଏ
ଥରଥର କରି ପଚ୍ଛୁଥାଏ ।
ଶୁଣି ସନସନ ସମୀର ଧ୍ୱନି
ଚୁହେଁ ଚଉଦଗେ ହୋଇ ଉନ୍ମନ ।
କୁମାର ଡାକନ୍ତି ବିତୃଷ୍ଣ ମନେ
ଚମକି ପଡ଼ଇ ପକ୍ଷୀ କୂଜନେ ।
କ୍ରମେ ବନପଥ ବରଜି ବାଳା
ନଗର ମାରଗ ଅବଧାରିଲା ।
ଅକାଣ୍ଡ ପୃଥିବୀ କଲ୍ପଲେ ଦୋଳି
ଖେଳୁଥିଲା ସଞ୍ଜ ସୋହାଗେ ଦୋଳି ।
ସଞ୍ଜବତୀ ସାଥେ ଦୀପଦଣ୍ଡ
ନେଇଯାଉଥିଲା ତମକୁ ଦଣ୍ଡ ।
ମଙ୍ଗଳ ଉତ୍ସବେ ଉଚ୍ଛଳ ପୁରୀ
ବାଜୁଥିଲା ବୀର ଢମକ ତୂରୀ ।
ଆନନ୍ଦେ ବହୁଳ ନଗର ଲୋକ
ପ୍ରତିଦ୍ୱାରେ ଶୋହେ ପୁଷ୍ପସ୍ତବକ ।
ଚୂତଡାଳ, ରମ୍ଭା ପାଦପମାନ,
ବେଦି ପାର୍ଶ୍ୱେ ପୂର୍ଣ୍ଣକୁମ୍ଭ ସ୍ଥାପନ ।

ଶଙ୍ଖ ହୁଳହୁଳି ଉଚ୍ଛୁଳି ଉଠେ
ବାଣ ଗରଜନେ ଆକାଶ ଫାଟେ ।
ନୃତ୍ୟଗୀତ କ୍ରୀଡ଼ାକୌତୁକ ରସେ
ରାଜଧାନୀ-ରାଣୀ ସତେ କି ହସେ ।
ଯହିଁ ଯାଅ ତହିଁ ଜନତା ଜଡ଼
କାହୁଁ ହୁଏ ନାହିଁ ଅଡ଼େଇ କଡ଼ ।
ବାତୁଳୀ କୀରତ କାହୁଁ ନ ରୁହିଁ
ଯାଏ ନିସି ଜନତା ସାଗର ବାହି ।
କାହୁଁ ଉଗଡଟେ କାହିଁ ବା ଥକା
ଲୁଆଁ ଛୁଅଁଟିକି କାଖରେ ଜାକ,
ଅକସ୍ମାତ ଦେଖି ଗହଳ ଅତ
ଚମତ୍କୃତେ ରୁହିଁଦେଲା କୀରତ ।
ତା' ପ୍ରାଣ ଅରାଧ୍ୟ କୁମାର ନିଜେ
ବରବେଶେ କର ଅସନ୍ତି ବଜେ ।
ଗିରସ୍ତର ପାଟହାତୀରେ ଚଢ଼ି
ପଛୁଆର ଚଳପାଣରୁ ପଡ଼ି ।
ପଡ଼ାନ୍ତି ଗୋଟିକ-ଗୀତକା ଛଟେ
ପାଇକ 'ଅଡ଼େ ହୋ' ବୋଲି କୁହାଟେ ।
ସେତକ ମାତର ଦେଖୁ ନ ଦେଖୁ
କୀରତର ଭାଙ୍ଗି ପଡ଼ିଲା ବୁକୁ ।
ଶୁଣିଲା କଥାକୁ ନ କର ସତ,
ଅସିଥିଲା ହୋଇ ଏତେ ଜପତ ।
ଦେଖିଲା ତ ସବୁ ସାକ୍ଷାତେ ଏବେ
କେଉଁ ବଳେ ଅବା ବହିବ ଦମ୍ଭେ ?

ଆଖିକି ଅଖିଲ ହେଲା ଅନ୍ଧାର
ଘୂରିଗଲା ମଥା ଚକ୍ର ଆକାର ।
ସନ୍ଦେହ ବିରହା ପଡିଲ ପରି
ଭାଙ୍ଗିଲା କଲିଜା ଉଠିଲା ଥରି ।
ଆକୁଳେ ଜନତା ଠେଲି ପକାଇ
ବିକଳେ ବୋଲଇ କୁମାରେ ଚାହିଁ—
"କାହିଁ ଯାଅ ନାଥ ! ନିର୍ଦ୍ଦୟ ହୋଇ
ଘୋର ବନେ ପୁଅ ଭାରିଯା ଥୋଇ ।
ତମରି ସକାଶେ ପାଗଳୀ ପରି
ପଳାଇ ଆସିଲି ପୁଅକୁ ଧରି ।
କି ଦୋଷ କଲି ମୁଁ ଫେରି ନ ଚାହିଁ
ପାସୋରିଦେଲ କି ପୂରୁବ ସ୍ନେହ ।"
କହୁ କହୁ କାନ୍ଦି କାଖେଇ ପୁଏ
କୁମାର ଗହଣେ ଧାଇଁ ଧାଏଁ ।
ନ ଚାହେଁ କୁମାର କାନ୍ଦିକି ଟିକେ
ଜାତରେ କାରଣ ଭାବେ ଅଧିକେ ।
ପରବତୁଁ ଗଡ଼ି ପଡିବା କଥା
ପଲ୍ଲୀରେ ଶୁଶ୍ରୂଷା ସେବା ବ୍ୟବସ୍ଥା,
ପ୍ରଥମ ପ୍ରଣୟ-ପରଶ ସ୍ୱାଦ
ପରିଣାମ ଭୟେ ପ୍ରାଣ ବିଷାଦ,
ମରମ ଗୁମରି ବେଦନା ଜାଣି
କୁମାର ଅଟଳ ଅଭୟ ବାଣୀ,—
ତାପସୀ ଆଦେଶେ ଯେପରି ଦେଲା
ଗାନ୍ଧର୍ବ ବିଧାନେ ବରଣମାଳା,

ଯେପରି ମୁଦ୍ରିକା ସଙ୍କେତ ଦେଇ
ଅସିଛୁ କୁମାର ତାଙ୍କୁ ଭର୍ତ୍ସିଇ,
ଭସ୍ମଯାଉଥାଏ କୀର୍ତ୍ତି ସକଳ
ବହିଯାଉଥାଏ ଲୋତକ-ଜଳ ।
ତଥାପି କୁମାର ନ ଟାଳେ ଥରେ
ତଥାପି କାତର ନ ଶଙ୍କେ ଡରେ ।
ବୋଲଇ ବୁକୁରେ ବାଡ଼େଇ ହାତ,
"ଏତେ ନିଦାରୁଣ ହୁଅନା ନାଥ !
ମୋତେ ପଛେ ଯେତେ ନିଷ୍ଠୁର ହୁଅ
ଏ ପିଲାଟି ପରା ତମରି ପୁଅ ।
ଥରେ ଏ ଅଜ୍ଞାନ ବାଳୁତଟିକି
ଦୋଳେ ତୋଳି ନାଥ ! ନେବ ନାହିଁ କି ?
ଥରେ ନିଅ ନାଥ, କୋଳକୁ ଡାକି
ସାର୍ଥକ ହେଉ ତା ଦେଖି ଏ ଆଖି ।
ସେତିକରେ ସବୁ ସନ୍ତୋଷ ମୋର
ଅମଣା ମୁଁ ଅନ୍ତି ନ କର ପର ।"
ତରଙ୍ଗ-ତାଡ଼ିତା ତରଣୀ ତୁଲ
କାତର କଥାର କାହିଁ ବା ମୂଳ ?
ବିଶାଳ ଜନତା ଚହଳ ଭେଦ
ପାରିଲା କୁମାର ବୈରାଗ୍ୟ ଛେଦ ?
କୁମାର ଗହଣେ ଥିଲେ ଯାବତ
ରାଜ-ପରିଷଦ ପାତ୍ର ଅମାତ୍ୟ ।
କାତର ଆରତ ଶୁଣିବା ଥାଉ
ସାଧିଲେ ଅଧିକ ପୂରୁବ ଦାଉ ।

ଦେଖଣାହାରୀଏ ଇଙ୍ଗିତ ପାଇ
କୀରତଙ୍କ ପଥ ରୋଧିଲେ ଯାଇ ।
ସମୀରେ ଶୁଖିଲା ପତର ପରି
ଫରଫର ହେଲା ଲୋକ-ଲହରୀ ।
କିଏ ଲଦି ଦେଲା ଗୋଇଠା ବାଧା
କିଏ ବା ଗୃପୁଡ଼ା, କେ ମାରେ ଖୁନ୍ଦା ।
କିଏ ଝିଙ୍କି ଦିଏ ପଛରୁ ଚୂଟି
କିଏ ପୁଣା ଧୂଳା ଦିଏ ଗୋମୁଠି ।
କିଏ ପିନ୍ଧାବାସ ଓଢ଼ଣି ଟାଣି
କିଏ ଢାଳିଦିଏ ଜାବୁଅ ପାଣି ।
କିଏ ଟେକା ମାରି କଟରେ ମଥାକୁ
ବୋଲୁ କେ ଓଟାର ନିଏ ଜୁଆକୁ ।
କିଏ ତା ଆଖିରେ ଚଗେଞ୍ଜି ଅଙ୍ଗୁଠି
କଦର୍ଥନା ହୋଇ ନାଚଇ ଶିଶୁଟି ।
କୀରତ ସେ ସବୁ ନ ମାନି ଟିକେ
କବରେ ଜାପଟି ପୁଅକୁ କାଖେ
ଅସ୍ତବ୍ୟସ୍ତେ ଧାଏଁ କୁମାର ପଛେ
ଖଲପି ଖଲପି କହୁଣେ ଉଛେ ।
ସ୍ରବ ପଡ଼ୁଥାଏ ଶୋଣିତ ଧାର
ସର୍ବାଙ୍ଗୁ ଧାରକୁ ଧାର ବାମାର ।
ଲୋଟି ଯାଉଥାଏ କୁନ୍ତଳ ତଳେ
ତନ୍ତ୍ରଯାଏ ବସ ଲୋତକ ଜଳେ ।
ଧୂଡ଼ ପରି ଉଡ଼ ପିଲାପଣନ୍ତ
ରୋଧେ କି ଉଦ୍ଧ୍ୟକ୍ତ ଜନତା ପଥ ।

ହାଇରେ ଦଇବ କାହାର ହୃଦେ
କଣାଏ କରୁଣା ହୁଏନା ଉଦେ ?
ପୈଶାଚିକ ରାଜନୀତି-ପ୍ରଭାବେ,
ଯାଉଛି ଘଟଲ କି ପିଶାଚ ସବେ ?
ସଗ୍ରାଥ ପାଳିତ ସ୍ୱରୂପୀ ଘର
ସ୍ୱସର୍ଗେ ଦୋଷ ଥିନା ଏପର ।
କେଉଁଠି କ୍ଷମାର ଲାଗିରେ ଥାଇ
କାଳିଆ ଘର ମା ଅହ୍ନେନ୍ତ୍ର ଗୃହି ।
କିଜାଣି କି ବ୍ୟଥା ସେ ବୁଝୁ ବଳେ
ବଚନ ମାତର ନ ସ୍ଫୁରେ ପଦେ ।
ବାଜାନ୍ତ୍ରନ ପଥେ ରାଜତନ୍ତ୍ରିକା
ଦେଖିଥିଲ୍ଲ ତାହା ଉତ୍ସବ-ସଜା ।
ଦେଖିଲୁ କାଉଁଭ ପୁଅ କାଖେଇ
ଭାଇ ପଛେ ଧାଏଁ କାନ୍ଦ ବୋବାଇ ।
ଦାଣ୍ଡେ ଉଠିଲା ପୂର୍ବ ରାଗ
ପାଇଲି କି ନାହିଁ ପବନ ପାଗ ।
ଆଖି ଦେଇଲି ବେଗେ ବଢ଼ିଗଲେ
"ଏଇ ଯେ କରୁଣା ଯାଏ ଦାଣ୍ଡରେ
ଛୁଆ ପୁଅଟାଏ କାଟେଣି କାଖେଇ
ତଳୁଦୁଅ ତାକୁ ତଣ୍ଡିଆ ଦେଇ ।
କାଶରୁ ଓଟାର ପୁଅକୁ ନାଅ
ଭସାନଇ ସୁଏ ଭସାଇ ଦଅ ।"
ଯମ ଦୂତ ପରି ନିଷ୍ଠୁର ଚରେ
ଚାଷଲେ ବାଣ୍ଡୁକୁ ଝପଟି ଗଲେ ।

ଜାହ୍ନବୀ ପୁଳିନ ସିକତା ପଥ
ବାହି ଯାଉଥିଲା ଜନତା ସ୍ରୋତ ।
କଲ୍ଲୋଳ-କ୍ଷିପ୍ତା କୁସୁମ ପରି
ଧାଉଁଥିଲା କାର୍ତ୍ତି ପୁଅକୁ ଧରି,
ମୂର୍ଚ୍ଛ ପ୍ରୁବଣିକ ବଦନ ବକ୍ଷେ
ଗୃହୀ ଥିଲେ ତାକୁ ସଜଳ ଚକ୍ଷେ ।
ଧାଇଁ ଆଇ ତେଜମା ଡାକିଲେ ବେଗେ
ବାଟ ଓଗାଳିଲେ କାରଣ ଆଗେ ।
ସାତ ପାଞ୍ଚ ମିଳି ପୁଅକୁ ଧରି
ଝିଙ୍କି ନେଲେ କୋଳୁ କୃତାନ୍ତ ପରି ।
ଗୋଡ଼ାଏ ପଛରେ କାନ୍ଦିଛି ନାରୀ
"ପୁଅ, ପୁଅ" ବୋଲି ଛାଡ଼ି ବୋବାଳି ।
ପଛୁ ପିଟୁଥାନ୍ତି ଯୋଡ଼ା ପାଇକ
ନ ଥାଏ ସେଥିକି ମାଆ ତା ଲକ୍ଷ୍ୟ ।
ମଣି ହରାଇଲେ ଫଣିନୀ କାହୁଁ
ରଖିବ ଆପଣା ମମତା ଆଉ ?
ତରଙ୍ଗିଣୀ ତଟେ ଦୁର୍ଦ୍ଦାନ୍ତ ଦୂତେ
ଛଡ଼େଇ ତୋଳିଧରି ଅଙ୍କ ବାଳୁତେ
ଚକ୍ରପରି ଘୂରି ଘୂରି ଘୁରାଇ
ତଟିନୀ ଗର୍ଭକୁ ଦେଲେ ପକାଇ ।
'ଆହା ମୋ ଜୀବନ ଧନ ରେ' କହୁ
ପଡ଼ିଲା କୀରତ ତା ପଛେ ଡେଇଁ ।
'ଆହା କାର୍ତ୍ତି ମୋର' କହୁ କୁମାର
ଝାସିଲେ ସରିତ ସ୍ରୋତେ ସତ୍ୱର ।

୮୨—ଶ୍ମଶାନ ପଥେ

ଦୂରେ ଶମଶାନ ଦେଖାଉଛି ଠିଆ
ବିସ୍ତାରି ବିଶାଳ ଦଗ୍ଧଳକାୟା ।
ଗଳାରେ ଅଗଣ୍ୟ ନର କପାଳ
ଲମ୍ବାଇ ଦେଇଛି ମାଳିକୁ ମାଳ ।
ଛିନ୍ନ ଭିନ୍ନ ଶବ ପାଦ ପାପୁଲି
ବିକଟ କଟିରେ ପଡ଼ିଛି ଝୁଲି ।
ମେଲାଇ ଦେଇଛି କରାଳ ପାଟି
ଚିତା ଜିଭ ଲୁଳି ଦେବ କି ଚାଟି ।
ଅସ୍ଥି ଦନ୍ତପନ୍ତି ଧାଡ଼ିକି ଧାଡ଼ି
ବିସ୍ତାରି ଆସେ କି ଧାଇଁ କାମୋଡ଼ି ।
ଦରଦଗ୍ଧ ଛାଣ୍ଟୁ ଅଙ୍ଗୁଠି ପରି
ଚିମ୍ପି ଖାଇଯିବ ଦୂନଅସାର ।
ଜୁଳୁଛି ଜଳନ୍ତା ଅଙ୍ଗାର ଚକ୍ଷୁ
ଦପ ଦପ ଦଶେ ଖଣ୍ଡେ ଦୂରକୁ ।
ଭସ୍ମ ବିଲେପିତ ସର୍ବାଙ୍ଗ ପୂରି
ଉଡ଼ାଏ ମରଣ ବିଜୟ ଧୂଳି ।
ଛାତି ଛାଲଚରୁ ଖାଁଙ୍କର କେଶେ
ବିଶ୍ୱ ନଶ୍ୱରତା ସମୀର ଘୋଷେ ।
ବଢ଼ାଇ ପାଦପ ପାଣି-ପଙ୍କଜ
ଅଡ଼ାଇ ଆଣେ କି ଅନ୍ତିମ ଯାତ୍ରୀ ।

ଶ୍ୱାନ ଶିବା ଭୀମ ଗର୍ଜ୍ଜନ ଘୋର
ଥରେ ଥରେ ଦେଇ ଦେହକୁ ଝାଡ଼ି,
ଲିସାଇ ପକାଏ ପୃଥିବୀ ତଳେ
ଶଙ୍କି ଭ୍ରାନ୍ତା ଚଳ ଚଞ୍ଚଳ ଛଳେ ।
ବୃଚ୍ଛ ବସି ତାର ଶବ ଆସନେ
ସାଧେ ସିଦ୍ଧିମନ୍ତ୍ର ସାଧକ ଜଣେ ।
ସ୍ଥିର ଧ୍ୟାନେ ସ୍ଥାଣୁ ସଦୃଶ ହୋଇ
ସମ୍ମୁଖେ ମୃଣ୍ମୟ ମାନବ ଥୋଇ,
ସଂସାର ବନ୍ଧନୁ ଶ୍ରୁତଙ୍କ ରୋଧି
ନାସା ଅଗ୍ରେ ନେତ୍ର ଯୁଗଳ ଛନ୍ଦି,
ଇଷ୍ଟ ପଦେ ରଖି ଅଚଳ ଲକ୍ଷ୍ୟ
ଜପେ ପଦ୍ମାସନ ପାଶ୍ଚତାନ୍ତ୍ରିକ ।
ପାଦପ ପୁଞ୍ଜିତ କୁଞ୍ଜ ଅଦୂରେ
ତାପସୀଏ ବୀଣା ବାଏ ମଧୁରେ ।
ନିଶା ନୀରବତା ମୃଦୁଳେ ଚିରି
କରୁଣେ ସେ ରମ୍ୟ ସ୍ୱନ ଲହରୀ
ମନ୍ଦ ସମୀରଣେ ଭାସି ଆସଇ
ସେଇ କି ଅମାର ଅଶ୍ରୁ ବର୍ଷଇ ।
କରୁଣ କୋମଳ ଲଳିତ ତାନ
ଭେଦଇ ଅଥୟ ତାନ୍ତ୍ରିକ କାନ ।
ଥୟ ହୁଏ ନାହିଁ ଟଳେ ତା ଚିତ୍ତ
ବାଦରେ ବୁଲୁ କି ସତେ ସେ ଗୀତ ।
ଯେତେ ରୂପେ ରଖେ ହୃଦୟ ରୋଧି
ମୁହୂର୍ତ୍ତେ ମାତର ନପାରେ ବୋଧି ।

ଜପଭଙ୍ଗ ଭୟେ ବିକଳ ମତି
ଦେଖୁ ଦେଖୁ ହୁଏ ଚଞ୍ଚଳ ଅତି ।
ଡାକଇ କିଏ ଗୋ ରହିଛ କାହିଁ
ଜପ ଭଗ୍ନକର ବୀଣା ବଜାଇ ?
ଭୟ ଭ୍ରାନ୍ତ ଛାଡ଼ି ପାଖକୁ ଆସ
କି ବକ୍ତବ୍ୟ ତବ ଅକୁଣ୍ଠେ ଭାଷ ।
ନ ସରୁ ତାନ୍ତ୍ରିକ ମୁଖୁଁ ବଚନ
ଧୀରେ ନୀରବିଲା ବୀଣାନିସ୍ୱନ ।
ପାଦପ କୁଞ୍ଜରୁ ସଧୀରେ ଆସି
ତାନ୍ତ୍ରିକ ସାନ୍ନିଧ୍ୟେ ଉଭା ତାପସୀ ।
ଦିବ୍ୟ ଜ୍ୟୋତିଷ୍ମତୀ ମୂରତି ଦେଖି
ପଡ଼ିଲା ତାନ୍ତ୍ରିକ ନେତ୍ରେ ଚମକି ।
ଅଜ୍ଞାତ ଆଶଙ୍କା ସ୍ୱଗତେ ଭରି
ପୁଣ୍ୟ ପାଶେ ଘୋର ପାତକୀ ପରି ।
ଭାଷିଲା ତାପସୀ ତାନ୍ତ୍ରିକେ ଚାହିଁ
କି ମନ୍ତ୍ର ଜପୁଛ କାହାର ପାଇଁ ?
ପୁରତେ ଏ କାହା ପ୍ରତିମୂରତି
ଥାପିଛ ତାକୁରେ କୀଳକ ପୋତି ?
ଗମ୍ଭୀର ବଦନେ ତାନ୍ତ୍ରିକ କହେ
ପଚ୍ଛୁର ଯେ କଥା ଶୁଣ ଗୋ ମାଏ ।
ଏଇ ମୃଣ୍ମୟ ମୂରତି ଯାର
ସେଇ ଏ ରାଇଜ ରାଜକୁମାର ।
କିରାତକୀ ସାଥେ କରି ପୀରତି
କୁଳମାନ ମାରେ ସେ ମୂଢ଼ମତି ।

ତାହାର ପ୍ରଣୟ ଭଗନ ଲାଗି
ମତେ ଏଥି ଦିଏ ଛନ୍ଦ ନିୟୋଗି ।
ତା ପ୍ରତି ପ୍ରତିମା ତେଣୁ ତଅର
ମନଭେଦ କାଳୀ ମସ୍ତକେ ମାରି,
କରଇ ଜପ ମୁଁ ରଜନୀ ଦିବା
ଶେଷ ହେବା ଯାଏ କୁମାର ବିଭା ।
ଶୁଣି ତପସ୍ୱିନୀ କୋରଧେ କମ୍ପି
କହଇ ତାହାଙ୍କେ "ଅରେ ରେ ପାପୀ !
କେତେଡ଼ ପାପାତ୍ମାର କରୁ କହ ତ
ଜପୁ ଯା' ପ୍ରଣୟ ଭଗନ ମନ୍ତ୍ର !
ଜାଣୁ କି ପାପିଷ୍ଠ ! ପ୍ରଣୟ ପଥେ
ବିଘନକାରୀର ପାତକ କେତେ ?
ଜାଣୁ କି ପବିତ୍ର ପ୍ରଣୟ ତତ୍ତ୍ୱ
ଜାଣୁ କି ଦାମ୍ପତ୍ୟ ପ୍ରେମ ମହତ୍ତ୍ୱ ?
ଜାଣୁ କି ପ୍ରତିଭା କେତେ ପ୍ରେମର
ତା ପାଶେ ନ ଖଟେ ଦୁନିଆ ଦର !
ଜଡ଼ ନୀଚ ଭାବ ଅବଳ ଥାଇ
ପ୍ରେମକୁ ପରଶି ପାରଇ ନାହିଁ ।
ବାଧାବନ୍ଧ ଭୀତି ପ୍ରେମର ନାହିଁ
ବିଶ୍ୱ ପାଶ ଚିରମୁକ୍ତ ତା ପାଇଁ ।
ପ୍ରେମଟି ପାଦପ ପୀରତି ଲତା
ନ ଜାଣଇ ଜାତି ଅଜାତି କଥା ।
ଦେଖି କୁମୁଦନୀ ଚନ୍ଦ୍ରମାପ୍ରୀତି
ଦେଖି ସହକାର ମାଧବୀ ପ୍ରୀତି

କି ଅହ୍ଲାଦେ ସେହୁ ହସେ ସରସେ
ବିଳସେ ଏ ସହକାର ଉରସେ ।
ପ୍ରେମପଥେ ପ୍ରେମୀ ପରମାନନ୍ଦେ
ବାଞ୍ଛନଏ ତାର ପ୍ରଣୟାସ୍ପଦେ ।
ପ୍ରାଣ ବିନିମୟେ ଯେ ପ୍ରେମ ପାଇ
ଧନ ମାନେ ତାର ଗର୍ଜ କାହିଁ ?
ପ୍ରାଣେ ପ୍ରାଣେ ପ୍ରେମ ମିଳିବ ରହୁ
ତା ପ୍ରଣୟାସ୍ପଦ ଲୋଡ଼ି ବୁଲଇ ।
ଧାଇଁଚାଲି ନଦୀଏ ପୁଲକେ ଫୁଟି
ଆପଣାକୁ ଦିଏ ତା ପଦେ ଲୁଟି ।
ଅବାରିତ ଗତି ମାରଗ ତାର
ରୋଧିବାକୁ ଶକ୍ତି ଅଛି କାହାର ?
ଯାହାର ଯେ ଧନ ସେହିଟି ତାହାର
ଜନ୍ମିବା ମିଳିବା ନିହକ କାହାର ।
ଅନନ୍ତ ଅବ୍ୟକ୍ତ ପ୍ରେମ ରହସ୍ୟ
ସ୍ୱୟଂ ସୃଷ୍ଟିକର୍ତ୍ତା ପ୍ରେମର ବଶ ।
ତୁ ମୂଢ଼ ତା ତତ୍ତ୍ୱ ଜାଣିବୁ କାହୁଁ
(ଇତରଙ୍କ କଥା ଥରେକି ଥାଉ)
ସ୍ୱଭାବେ କାପୁରୁଷ କାର୍ଦ୍ଦମତ
ସ୍ୱାର୍ଥ ସିଦ୍ଧି ଅଶେ ସତତ ବ୍ରତୀ ।
କାମନା କୃତାର୍ଥ କାରଣେ ଏକା
ଜୀବବଧ ଯାର ଜପା ଜୀବିକା;
ମୋହ ମଦେ ଯାର ମମତା ମତ୍ତ
ସେ କି ପାଇପାରେ ପ୍ରେମର ତତ୍ତ୍ୱ ?
ଜାଣୁ କି ମାତର ଅରେ ଦୁର୍ମତି
କେଉଁ ନରକରେ ହେବ ତୋ ଗତି ?

ନ ଥାଇ ଟିକିଏ କାରଣ ମାଂସେ
ଜୀବବଧ ପାପ ଯେସନ ଗ୍ରାସେ
ସେହ୍ନପର ସିନା ପାତକ ଭାଗୀ
ହେଲୁ ତୁ ପବିତ୍ର ପ୍ରତିଜ୍ଞା ଭାଙ୍ଗି ।
ତୋହର ଏଥିବା କି ଅଛି ସ୍ୱାର୍ଥ
ଡଅଲୁ ଯା ନିଜ ନଟଙ୍କ ପଥ
ପର ପ୍ରଲୋଭନ ଲୁବ୍ଧକେ ପଡ଼ି
ଅଣୁ ଯା ଟୋକାକୁ ହାଣ କୁରାଢ଼ୀ
ଲଢେ ଲାଭ ଟେକବା ଠାଇବୁ ନାହିଁ
ପଡ଼ିବୁ ଅନନ୍ତ ନରକେ ଯାଇଁ ।
ହେତେବ ଅଛୁ ପରକାଳକୁ ଡର
ଏବେ ବେଲ ଥାଉଁ ଉପାୟ କର
ଯେପର ନ ଭାଙ୍ଗେ ପ୍ରଣୟ ବ୍ରତ
ଯେପର ନ ହୁଏ ନରକ ପଥ ।”
ଶୁଣିଲା ତାନ୍ତ୍ରିକ ଦୃଢ଼ ତାମସ
ଭାଜଗଲା ଦମ୍ଭ ଦ୍ୱେଷ ସାହସ
ତାପସୀ ବଚନ ବଜର ପରି
ଶତଧା ତା ବୁକୁ ଦେଲା ବିଦରି ।
ଲଜ୍ଜା ଭୟ ଅନୁତାପେ ତା ଦେହ
ହୋଇ ଆସିଲା କି ଅବଶମୟ ।
ପଇଟିଲା ନାହିଁ ପାଟିକି କିଛି
ଜଳକା ପରି ଯା ଗୃହିଁ ରହିଛି ।
ଫିତୁଲୀ ମସ୍ତକୁଁ ଉପାଡ଼ି କାଲା
ତାପସୀ ତଟିନୀ ନୀରେ ଝାସିଲା ।

୯ମ—ମୁକ୍ତି ବାରଣେ

ଅଗାଧ ଗମ୍ଭୀର ଅତଳ ନୀର
ଗାଇ କଳ ଗୀତ ଯାଉଛନ୍ତି ବହି,
ଅବିରାମ ମନ୍ଦେ ଧାଦାମ୍ ଗତି
ଅହ୍ଲାଦେ ଲହରୀ ଖେଳରେ ମାତି ।
ଶୁଭ୍ର ଫେନ ହାସ ଉକୁଟି ଉଠି
କରେ କୋଟି କାଶ କୁସୁମ ସୃଷ୍ଟି ।
ଲହରି ଲହରି ବିଳାସ ଛଳ
ଦେଖାଇ ଅବା ଉଚ୍ଛ୍ୱାସ କରଇ ।
ଗୁଳ୍ମତଳଭୂମି ନିହସି ଟେକି
ତୀର ପଦେ ଗୁହ୍ନି ଦେଉଥାଏ କି ?
ଦୋଳାଇ ଫେନିଳ ତରଙ୍ଗ ରଙ୍ଗେ
ଦୋଳାଇ ଜଳଚର ବାଳ ବିହଙ୍ଗେ
ଚଳାଇ ତରଣୀମାଳିକା ବକ୍ଷେ
ଖେଳାଇ ମୀନାଳି ଡୋଳା ଛଟକେ
ନଗ୍ରଇ ଛେଗ୍ରଇ ପୋତ ପଙ୍କତ
ଅଶ୍ରାନ୍ତ ଅବେଗେ କରଇ ଗତ ।
ସିନ୍ଧୁ ଅଙ୍ଗ ସଙ୍ଗ ଅଶାପିଆସୀ
ସୁରଧୁନୀ ପ୍ରେମ ଅବେଶେ ଭାସି
ଭସି ଯଉବନ ତୋଷି ପଣସି
ଲୁଟାଇ ଦଅଇ ଉଦାସେ ପସି ।

ଅସିଲେ ଅଶାନ୍ତି ଅଶା ଚଳଲେ
ଅଶ୍ରୁ ଧୁଅଇ ଶୀତଳ ଦୋଳେ,
ଅପଣା ଗରଭଧାରିଣୀ ପରି
ସମାଦରେ ଦେନ୍ତ ସୋହାଗ ଭରି ।
ପ୍ରେମ ଅନ୍ଧକାର ପରାଣ ଯାଁ'ଏ
ଯାକ ଦୃଷ୍ଟି ଭେଦ ଆଏ କି ତାର ?
ଧନ୍ୟ ହିଂସା ତବ ପରୀକ୍ଷିତା
ଚଣ୍ଡମତ ରାଜନନ୍ଦ ପାତ୍ରିକା
କାମିନୀ କୀଚକ କାଟି ପୁଅକୁ
ନେଇ ଗଲ ଦେଇ ମେଲାଇ ବୁଲୁ ।
ସୁତରାଙ୍କଙ୍କ କାନ୍ଧା ଶକତ
ପାଇବେ ଓଫେରାଇ ମୃତସମସ୍ତ ?
ପରାଣ ପ୍ରେୟସୀ, ପ୍ରାଣର ଧ୍ରୁଏ
ଅଲୋକ୍ତ ଧୃଷ୍ଟି ସେ ଏଥକୁ ଧୁଏ ।
ଏଲା ପ୍ରତିକୂଳ ସ୍ମୃତି ସ୍ମୃତିଗେ
ଦେହଦ ପରି ଭାବି ଅସହ୍ୟ ଦୁଃଖେ ।
ସନ୍ତରଣୀ ଶ୍ରାନ୍ତ ଅବଶେ ଏକା
ସୁନାଗୁନ୍ଦ ତନୁ ପଡ଼ିଛୁ ଫିକା ।
ଦ୍ରୁମ ଦୃଢ଼ ଭୁଜ ଶିଥିଲେ ଥରି
ଦଶଇ ଦୂରକୁ ମୃଣାଳ ପରି ।
ଅହା ! ସେ ବିମଳ ବଧୂବଦନ
ଦିଶେ ପର୍ଯ୍ୟୁଷିତ ପଦ୍ମସମାନ ।
ଥରେ ଥରେ ମେଲି ଅଳସ ଅଖି
ସ୍ରୋତ ଗତିପଥେ ରହନ୍ତି ଚାକି;

ଅଦୂର ସଲିଳେ କାହାକୁ ଚାହିଁ
ଏଇ କି କୀରତ ଭାସି ଆସଇ ।
ସ୍ୱର୍ଣ୍ଣ ସରୋଜମା ସ୍ୱର୍ଣ୍ଣଦୀସ୍ରୋତେ
ଭାସି ଆସୁଥାଏ କି ଓତପ୍ରୋତେ ?
ଜଡ଼ିଛି ଶୈବାଳ ଦଳ ସଦୃଶ
ଅଙ୍ଗେ ଆର୍ଦ୍ର ଅଲୁଳାୟିତ କେଶ ।
ପରାଣ ଅଛି କି ନାହିଁ କିଜାଣି
ପ୍ରାଣ ଦେଲା ମାତ୍ର କୁମାରେ ଆଣି ।
ଆପଣାକୁ ଅବା ପାସୋରି ଯାଇ
ଜାପଟିଲେ ବେଗେ ଧରପକାଇ
ଆନନ୍ଦ ଅଧୀରେ ରାଜନନ୍ଦନ
ପାଇଲା କି ରଙ୍କ ହୀରାରତନ ।
ନ ପାଇ ପୁତ୍ର, ନ ମଲା କୀରତ
ରହିଲା ଜୀବନେ ମାତ୍ର ବରତ;
ଅଚେତେ ଅବଶେ ବ୍ୟଥାବିକଳେ,
ଯୁବରାଜଙ୍କର କରୁଣା ବଳେ ।
କୁମାର ଶୁଶ୍ରୂଷା ସେବା ଯତନେ
ଆସିଲା ଚେତନା ବହୁତ କ୍ଷଣେ
ବିଧୁରା ଅଧୀରା ଧୀବର ଫେରି
ବୋଧ ଶକତିକି ସମୂଳେ ହରି ।
ସେ ଚେତନା ତହୁଁ ଥିଲା ତ ହାୟ
ମରଣ ତା ପକ୍ଷେ ଶତାଂଶେ ଶ୍ରେୟ ।
କୁମାର ବିୟୋଗ ବିଧୁରା ବାଳୀ
'ମୋ ପୁତ୍ର' 'ମୋ ପୁତ୍ର' କେବଳ ବୋଲି ?

ବୁଲଇ ଅଥୟେ ବାତୁଲୀ ପରି
ବଣ ପରବତ ନଈ ପୋଖରୀ ।
ଯାହାକୁ ଦେଖିଲେ ଜଳକା ପ୍ରାଏ
ଜଳ ଜଳ ଚକ୍ଷେ ଚାହୁଁ ଯା ଥାଏ,
ବେଳେ ବେଳେ ପୁଚ୍ଛେ "କାହିଁ ମୋ ପୁତ୍ର ?"
ପଚାରୁ ପଚାରୁ ବକେ ବହୁତ ।
ବୁଝି ହୁଏ ନାହିଁ କଥାର ଅର୍ଥ
ପାଗଳ ପ୍ରଳାପେ କାହିଁ ବା ତଥ୍ୟ ?
ନ ଜାଣେ ବଳିକା ଆପଣା ହିତ
ନ ଜାଣଇ ଖରା ବରଷା ଶୀତ,
ନ ଜାଣଇ ବାଧା କ୍ଷୁଧା ତୃଷାର
ନ ଜାଣଇ ସୁଦ୍ଧା ନିଦ୍ରା ଆହାର
ପବନ ବିକ୍ଷିପ୍ତ ପତର ପରି
କେବଳ ବୁଲଇ ଦିବା ଶର୍ବରୀ ।
ପୀରତି ପ୍ରତିମା ଜୀବନ୍ତ ସ୍ନେହୀ
କୁମାର ପ୍ରବୋଧି ପାରନ୍ତି ନାହିଁ;
ସହସ୍ର ଅଭ୍ୟାସେ ସୁଦ୍ଧା ସୁଝାଏ
ପଛେ ପଛେ ଥାଇ ଛାଇପରାଏ,
ତଥାପି ବରଜି ଯିବାକୁ ସାଥି
ନ ବଳଇ ମନ ବଦରେ ଛାତି ।
ସବୁ ବ୍ୟଥା ଭରି ବିକଳ ବୁକେ
ସମଭାଗୀ ପରି ସକଳ ଦୁଃଖେ
ପାଗଳୀ ଜୀବନ୍ତ ମାରଗ ଧରି
ବୁଲୁଥାନ୍ତି ଆପେ ପାଗଳ ପରି ।

ଅହା, କି ବିକଳ ଅବଶ ଶିଶୁ
ଦେଖି ହେବ ଅର ବୁକୁ ବିଦାରି
ଯା ମୋହ୍ ଜଗତେ ଯେତକ ସୁଖ
ସେହୁ ପୁଣି ଧାଏ ସେତିକି ଦୁଃଖ ।
ଅନୁସରୁ ପ୍ରିୟା ପଥ ବାହିନେ
ଅବସ୍ଥାଉ ରାଜକୁମାର ଦିନେ
ଢୁଳି ଢୁଳି ଶୋଇ ଧଣ୍ଡେର ଭୂଇଁ
ଝିଟିପିଟି ନିଦ୍ରା ପଡ଼ିଲେ ଛନ୍ଦି ।
ଅବସାଦ ଭ୍ରାନ୍ତି ଚିନ୍ତା-ଅଳସ
କଲା କି ଯୁଗଳ ଚକ୍ଷେ ବିଳାସ ।
ସେତେବେଳେ ମିଳା ସହସା ଝୁଣ୍ଟି
ଗୁଣ୍ଡିଳେ ଚକ୍ଷୁତେ ଚମକି ଉଠି
ତାଙ୍କର ପରାଣପ୍ରିୟା କୀରତି
ତାଙ୍କର ବୁକୁରୁ ଉଣ୍ଡାଏ କାତି,
ରହମହ କରି ନିରାଟେ ଗୁହ୍ନି
ଛଡ଼ମଡ଼ ବାନ୍ଧି ଦାନ୍ତ ଗୈବାଇ ।
ମୁକୁଳିତ କେଶ ବିକଳ ମୁଖ
ଦେଖିଲେ କାନ୍ଦିବ ବଇରୀ ବୁକ ।
ଶର ସମ ସେହୁ ବିକଳ ଠାଣି
ଦେଲା କି କୁମାର କଲିଜା ହାଣି ।
ସ୍ଥିତ ପାତଦେଇ କୀରତି ଅଗେ
ବୋଇଲେ କୁମାର ବ୍ୟଥା ବିରାଗେ—
"ମାର ଗୋ କୀରତି ଏ ବୁକେ କାତି
ଏଇ ଏକା ତୁମ କୁମରଘାତୀ ।

ଅରଜଇଛୁ ଅଣଅୟୁତରେ ଯାହା
ଅନକୋଟୀ ଗୁଣେ ଭୋଗଇ ତାହା ।
ସହିବାକୁ ଆଉ ଶକତ ନାହିଁ
ଆଉ ବା ସହିବ କାହାର ପାଇଁ ?
କା ଲାଗି ଧରିବ ଦମ୍ଭ ଧରଣୀ
ଏ ଜୀବନେ ଅବା ଜୀବନ୍ ନା ଧାର୍ମି ?
ଷିତପତ୍ର କୋଟିଲ ଜନମ ଲଭି
ନାହିଁ ଯା ଦେଖିଲୁ ସୁଖ ପଦବୀ,
ପରମ ସାଧବୀ ପ୍ରେୟସୀ ପାଶେ
ବିଶ୍ୱାସଘାତୀ ଯେ ଚିର ସନ୍ତାପେ ?
ପ୍ରାଣାଧିକ ପ୍ରିୟ ଯାର ସାକ୍ଷାତେ
ନିର୍ମମେ ନିହତ ଇତର ହାତେ,
ଜଗତ ମଧ୍ୟେ ସେ ଦଗ୍ଧ ଜୀବନ
ରହିବାର ଅଛି କି ପ୍ରୟୋଜନ ?
ମରଣ ଏଣିକି ଶରଣ ସାଥି
ବେଗରେ ନିଆଇ ଦିଅ ଗୋ, ନାଥ ।
ମରି ହେଲେ ପ୍ରିୟେ ତମର ହାତେ
ପାଏ ଗୋ, ସାନ୍ତ୍ୱନା ଶାନ୍ତି କାନ୍ତେ ।"
ହୋଇଅଛି ଗୁରୁ ଚକ୍ଷୁ ମିଳିତ
କଏ ବା ଅକୁଳ, କଏ ଚକିତ
କାହାର ନୟନ୍ତୁ ଝରଇ ନୀର
କାହା ଦୃଷ୍ଟି ଦୀପ୍ତ ଉଦାସ ସ୍ଥିର ।
ଗୃହିଁ ଗୃହିଁ କାହିଁ ସେହି ମୁହୂର୍ତ୍ତେ
କାଳସର୍ପ ଏକ ଅସି ଅଭୁତ,

ଯୁବରାଜପଦ ଛନ୍ଦ ପକାଇ
ଫୁତ୍କାରି ଉଠିଲା ଫଣୀ ଉଠାଇ ।'
ଜଳପାନେ ଅବା ତାଙ୍କ ଅରତି
ଅଶ୍ୱମେଧେ ମାରିଲେ ମହିଷୀ ଦୁଇ ।
ଅଙ୍ଗୁଳି ଦେଖାଇ ଭୁଜଙ୍ଗ ଛତ
ଛନ୍ଦେ ଖଲଖଲ ହସି କାଢ଼ିତ—
"ଏଇ ଦୋଷ ଏଇ ଅଜ୍ଞ ସାପ
[illegible] ଶିଶୁହତ୍ୟାର ପାପ ।
ଅଛିଲା ପଛିଲା ଖାଇଲା ଏଇ
ବିନା ପ୍ରାୟଶ୍ଚିତ୍ତେ ନିସ୍ତାର ନାହିଁ ।"
କହି [illegible] ଏହାପରେ ପାଗଳି
ପଳାଇଲି ତେଣେ ବିଜୁଳି ଭଳି ।
ଅହା, ପ୍ରିୟେ, ବୋଲି ଡାକି ବକଲେ
ମୂର୍ଚ୍ଛିତେ କୁମାର ପଡ଼ିଲେ ତଳେ ।
ଯୁବରାଜଙ୍କର ଏ ଦୁଃଖ କେହୁ
ଜଣେ ହେଲେ ସୁଦ୍ଧା ଜାଣିଲେ ନାହିଁ ।
'ଅହା' କହି ସାହା ହେବାକୁ କ୍ଷଣେ
ଅଜି ଏ ଅସନ୍ନ ମୃତ୍ୟୁ ବାରଣେ ।

୧୦—ଭୀଷଣପଣେ

ପଡ଼ିଲା ରାଇଜ ମାଝି ମଡ଼କ
ମଲେ ଅନାହାରେ ପ୍ରଜାପାଳକ ।
ଧନ ଧାନ ବିନେ ବାହୁନେ ରଡ଼ି
ଝଡ଼ପୋକ ପରି ମରିଲେ ଝଡ଼ି ।
ଅକାଳେ ଜୀବନ-ବୃନ୍ତରୁ ଛିଣ୍ଡି
ଗଲେ କାଳମୁଖେ ଗୋଟିକି ଗୋଟି ।
ଜିଦେ ବଳଲେ, ହା-ହା ହତାଶ
ମଣିଷ ଖାଇଲା ମଣିଷ ମାଂସ ।
ନ ରହିଲା ସ୍ନେହ ମାୟାମମତା
ନ ରହିଲା ଲାଜ ଲୌକିକ କଥା ।
ଘରଦ୍ୱାର ପୁଅ ଭାରିଯା ଛାଡ଼ି
ଆକୁଳେ ସକଳ ବୋବାଳି ଛାଡ଼ି;
ରୁଣ୍ଡ ହେଲେ ରାଜ-ସାହାଯ୍ୟ ଆଶେ
ନିତପ୍ରତି ସିଂହଦୁଆର ପାଶେ ।
ଅନ୍ନପ୍ରପୀଡ଼ିତ ପ୍ରଜାସକଳ
ଦୂର ଦୂରାନ୍ତରୁ ଦଳକୁ ଦଳ;
ନାହିଁ କାହା ଦେହେ ମାଉଁସ ପଲେ
କେବଳ କଙ୍କାଳକାୟ ସକଳେ ।
କପୋଳ ନୟନ କୋଟରଗତ
ସକଳ ବଦନ ଦନ୍ତୁର ଦନ୍ତ ।

ଫୁରୁଫୁରୁ ଉଡ଼େ ନୁଖୁରା କେଶ
ରୁକ୍ଷ ତୀକ୍ଷ୍ଣ ନଖ ମଳିନ ବେଶ ।
ପିଠି ପଟେ ପେଟ ପଶଇ ଲାଗି
ଅଣ୍ଟା ଅଡ଼ୁ ଆସେ ଆଗକୁ ଭାଙ୍ଗି
ଥରୁଥରୁ ଦେହ ଯାଉଛି ଥରି
ବାଆ ପାଣିପିଠା ପତର ପରି ।
ଚାଲିବାକୁ ପଦେ ନାହିଁ ଶକତ
ଜୀବନେ ମାତ୍ର ଯା ଜୀଇଅଛନ୍ତି ।
ଅଶୀଷର ଘୋର ନିଦାଘ କଷ୍ଟେ
ଗୃହଙ୍କ ସମ୍ମୁଖ କରୁଣ କଣ୍ଠେ;
ରାଜ-ପ୍ରାସାଦକୁ ଅନାଇ ଏକା
କରନ୍ତି କାକୁସ୍ତେ କରୁଣା ଭିକ୍ଷା ।
ଆହା, କି ବଳଲେ କରନ୍ତି ପାଟି
ବଜର ହେଲେ ତ ଯାଆନ୍ତା ଫାଟି ।
ମାତ୍ର ରାଜହୃଦ ବଜ୍ରରୁ ଅଣ୍ଟ
ଅଭେଦ୍ୟ ପଥ୍ର ତା ପୁର କପାଟ ।
ସେ କାହୁଁ କଳିବ ପେଟର ଦାଉ
ନିରନ୍ନଜ୍ୱାଳା ବା ଜାଣିବ କାହୁଁ ?
ପ୍ରଜାଭଣ୍ଡି ଶିପା ଜୀବିକା ଯାର
ପ୍ରଜାଦୁଃଖେ ଯାଏ ଆସେ କି ତାର ?
ଭୋଗ-ବିଳାସର ବିରାମ କାହିଁ,
ଦୁନିଅର ଦୁଃଖ ଦେଖିବା ପାଇଁ ?
ଧରିତା ଯା ଚକ୍ଷେ ସରିତା ପରି
ମଣିଷଗୁଡ଼ାକ ପିମ୍ପୁଡ଼ି ପରି ।

ଅରତ୍ତ ଅରଚତେ ସ୍ଥିର ଅନଙ୍କ
ସ୍ବାର୍ଥସୁଖେ ତର ଶରଧା ସଧ,
ପେଚ-ବକଲଅ ପ୍ରଜାଗୁଡ଼ାକ
ପାରନ୍ତ ତା ସିଂହଦୁଆରେ ଡାକ ।
ଏସବୁ ତାକୁ ବା ରୁଚବ କାହୁଁ
ପିଠିକି ବାଧେ କି ପେଟର ଦାଉ ?
ଆଶ୍ୱାସନା ଦେବା ଥାଉ ତେଣିକି
ଅଧିକ ଗୃହିଁଲେ ରଙ୍ଗେଇ ଆଖି ।
ଦଣ୍ଡୁଆସୀ ହାତେ ମାଡ଼ ମରାଇ
ଛଡ଼ଦେଲେ ଗଲେ ଛଣ୍ଡିଆ ଦେଇ ।
ପେଟ ବକଲକୁ ପିଠିରେ ପାଇ
ପ୍ରାଣଭୟେ ଲୋକେ ଗଲେ ପଳାଇ ।
'ଅହା, ଅମ ଦୟାବନ୍ତ କୁମାର
କାହିଁଅଛ ଏଥୁ କର ଉଦ୍ଧାର ।'
ବୋଲି ଏକକଣ୍ଠେ କହ ସମସ୍ତେ
ଦଉଡ଼ିଲେ ସେହୁ ବନସ୍ତ ପଥେ ।
ଯହିଁ ଯୁବରାଜ ଭୟ-ବିହ୍ୱଳେ
ମୂର୍ଚ୍ଛାଯାଇ ପଡ଼ିଥିଲେ ଭୂତଳେ ।
ଜନତା ଗହଳ ଚହଳ ଭୟେ
ପଳାଇଲା ସର୍ପ ପ୍ରାଣ-ଅଥୟେ ।
କରୁଣାଗୃହଙ୍କୁ ସମ୍ମୁଖେ ଗୃହିଁ
ସବୁ ଦୁଃଖ ଦାଉ ଭୁଲିପକାଇ;
ପରଜା-ପରାଣ ପୁଲକେ ପୂରି
ଉଠିଲା ସାଗର ପରି ଉଚ୍ଛୁଳି ।

ଜୟ ଯୁବରାଜ ଗାଇ ଉଲ୍ଲାସେ
ବେଢ଼ିଗଲେ ସର୍ବେ ଯାଇ ଚୌପାଶେ ।
ଜୟ ଯୁବରାଜ ଜୟ ଚହଲେ
ଅସିଗଲା ମୃତ ଚେତନା ବଳେ ।
ଦେଖିଲେ ତାଙ୍କର ପରଜାମାନେ
ବେଢ଼ି ରହିଛନ୍ତି ଅକୁଳ ପ୍ରାଣେ ।
ସକଳ ସନ୍ତୃଷ୍ଟ କାତର ଚକ୍ଷେ,
[illegible] ଯୋଡ଼ିଥାଏ କଙ୍କାଳ ବକ୍ଷେ ।
ପ୍ରଜା-ଆର୍ତ୍ତ-ପ୍ରାଣ ରାଜକୁମାର
ଦେଖି ଏ ବିକଳ ଭାବ ପ୍ରକାର;
ଅନୁମାନେ ମନୁ କାରଣ କଲା
ଉତ୍ସାହେ ଦାରୁ ମୂରତି ଭଳି ।
ଯାହା ଥିଲି ଅଜ୍ଞା, ମରମେ ବ୍ୟଥା
ପ୍ରଜା-ପ୍ରାଣ ବିନୁ କେ ବୁଝିବ ତା ?
କହିଲେ କ୍ଷଣକେ ମଉନ ପରେ
କରୁଣାର୍ଦ୍ର କଣ୍ଠେ କୋମଳ ସ୍ୱରେ—
"ଶୁଣ ହେ ମୋର ସବୁ ପରଜାଭାଇ !
ଯେବେ ମୋ ପାଶକୁ ଅସିଛ ଧାଇଁ,
ଦେବି ମୁଁ ଅଭୟ ପରାଣପଣେ
ଦମ୍ଭ ଧରି ରହ ନିର୍ଭୟ ମନେ ।"
ଦେଲା ଯୁବରାଜ ଅଭୟ ବାଣୀ
ପରଜା ବିବେକ ସାହସ ଶାଣୀ ।
ପ୍ରଭଞ୍ଜନେ ବନ ଅନଳ ସମ
ଜାଗିଲା ଉତ୍ସାହ ବଳ ବିକ୍ରମ ।

'ଜୟ ଯୁବରାଜ କୁମାର ଜୟ ।'
ଗାଇଲେ ଗମ୍ଭୀରେ ଫରଜାଗୟ ।
ଯୋଗ ଦେଲେ ତହିଁ ସର୍ମୀର ସାଥେ
ଧନ ଭିଝ ଲଉ୍ଭା ପାଦପ ଯେତେ ।
ଦସ୍ୟୁଦଳଙ୍କୁ ପ୍ରତଧ୍ୱନି ଚହନ୍ତି
ଦେଖ ସେ ଅଚବ ତୌଦ୍ଦତେ ବାଣ୍ଡି ।
ବାଜଲ ଜାଗ୍ରତ ଦୁନ୍ଦୁଭି ବନେ
ଜାଗିଲେ ଜଙ୍ଗଲୀ ଏ ସେ ମହାସ୍ୱନେ ।
ବନେ ଢେନି ପୂର ସଇଜାଗଣ
କଲେ ଯୁବରାଜ ଦଲ ଗଠନ ।
ପଲ୍ଲୀପୋଡ଼ା ଜାଳ୍ ଯେତେ କରାନ୍ତ
ବୁଲୁଥିଲେ ବ୍ୟସ୍ତେ ବଣ ପର୍ବତ,
ସହ୍ଣ ସହ୍ ଶୀତ ଖରା ବରଷା
ପାଇଗଲେ ସେହ୍ୱ ବଳ ଭରସା ।
ଯୋଗ ଦେଲେ ତହିଁ ନମଚନ୍ତ୍ର ଆସି
ଦୂର୍ବ ପ୍ରତହିଂସା ପରାଣେ ପୋଷି ।
କେତେ କାରାବନ୍ଦୀ ମିଶଲେ ତହିଁ
ଥିଲେ ଯେ ଦୂରୁରୁ ପ୍ରାଭବ ପାଇ ।
ସତୀତ୍ୱ ଧର୍ଷଣେ ଶକତଶତ୍ରୁନ୍ୟ
ସପୁଁଥିଲେ ସଦା ଆଇ ମଜନେ ।
ଯେତେ ପତପ୍ରନ-ବଧୂର ବାଳୀ
ରାଜା ସର୍ବନାଶ ସ୍ୱାଗତେ ଭାଲ,
ଯୋଗ ଦେଲେ ସେହ୍ୱ ପୂରବାସୀଏ
ପୁଚ୍ଛବଦଲତା ଫଣିନୀ ପ୍ରାଏ ।

ଶନ୍ନ-ସମୀରଣ-ବରଷା ଦେଖି
ଅମା-ସ୍ୱାତି ଅସି ମିଶିଗଲେ କି ।
ପ୍ରବଳ ବଦ୍ରୋହ ଝଡ଼ରେ ଧ୍ୱଂସି—
ଦେବାଲୁ ରାଜାର ଧଜଭାଗ୍ୟ-ଶ୍ରୀ ।
ରାଜମନ୍ତ୍ରୀ, ସ୍ୱଜାତିଜନ୍ମା ଗଉବ
କରିବା ପାଇଁକି ଅବା ଖରବ;
ମିଳିଗଲେ ଏକାଟିବାଳେ ସରବେ,
ଅଗ୍ନିବାଲ୍ତୁ ମଥା ଦାଣ୍ଡୀ ପରବେ ।
ଥିଲେ ପ୍ରପାନ୍ତି ଯେଧ୍ୱା ଯାବତ
ସେମେ ହେଲେ ଅସି ସେ ଦଳଗତ ।
କିଏ ବା! କାରଣ କିଛୁ ଦେଖିଲା
ରେଧ୍ୟେ ମିଛାଟେ ବା କିଏ ମାଗିଲା ।
ନିଅମାଧ୍ୱୁ ଦେଖି ଦାରଣ ନାହିଁ
ମନ୍ତ୍ରୀ ଦଳଦ୍ୱାର ସବୁର ପାଇଁ ।
ରାଜସଭା ଅବ ସବୁର ଏକ
ସବୁର ଆୟୁଧ ତୀର ଧନୁକ ।
କିଏସେ ପୁରୁଷ, କିଏସେ ନାରୀ
ବିନା ପରଚଯ୍ୟେ ବୁଝିନା ବାର ।
ନାହିଁ ବର୍ଣ୍ଣଧର୍ମ ନିୟମ ପ୍ରଥା
ନାହିଁ ଭେଦାଭେଦ ବିଧି ବ୍ୟବସ୍ଥା ।
ଏକଇ ଆଦର୍ଶେ ଏକଇ ମନେ
ଏକବ୍ରତେ ବ୍ରତୀ ସକଳ ଜନେ ।
ପାଳିବା ପାଇଁକି ଆତ୍ମକର୍ତ୍ତବ୍ୟ
ପାଳି ଦଳପତି ଆଦେଶ ସବ ।

ଏକମାତ୍ର ସେହି ବଗ୍ରଚ ଦଳେ
ଯୁବରାଜ ଦଳନାୟକ ଥିଲେ ।
ଦସ୍ୟୁ ଘରଦାର ସଦୃଶ ବେଶେ
ଚିହ୍ନିବାକୁ ତାଙ୍କୁ କ୍ଷମ କିଏ ସେ ?
'ଏହି ସେହି ଦସ୍ୟୁବନ୍ତ କୁମାର
ଘଣ୍ଡିର୍ଯ୍ୟ ବାଘରେ ଦସ୍ୟୁସର୍ଦ୍ଦାର ।'
ଦେଶିଭଳ ସାଉଲ ଅଙ୍ଗୁ ଜାଣନ୍ତି
କେତେ ଦଳପତି ବୋଲି ମଣନ୍ତି ।
ନ ଖୋଜି ଧନମାନ ଘରେଁସୁ କେ
ନ ବୁଝି କାର୍ଯ୍ୟର କାରଣ କିଛି କେ,
ନ ହେଜି ଆଗତ ନିଗତ କଥା
ନ ରଖି ଆପଣା ମାୟାମମତା,
ଉତ୍ସର୍ଗି ମରଣପଣେ ପରାଣ
ଉତ୍ସର୍ଗି ସକଳ ସୁଖସ୍ୱପ୍ନ,
ଥାଆନ୍ତି ତାହାଙ୍କ ସଙ୍ଗଧାନୁକୀ
ଦଳପତିଙ୍କର ଅଙ୍କୀକୃ ତାଙ୍କି ।
ଅନଳ ଉଗାର ପାଇବା ପୂର୍ବେ
ବିକଟ ବାରୁଦ ଗୁଳିକା ସବୁ;
ରହିଥାନ୍ତି ଯଥା ତୋପ ଗରଭେ
ଧ୍ୱଂସିବାକୁ ସୃଷ୍ଟି ଶିଘ୍ର ସଂରମ୍ଭେ,
ତେସନ ଅଟଳ ଭୀଷଣପଣେ
ଥାଆନ୍ତି ସତର୍କ ଧାନୁକୀଗଣେ ।
ସର୍ଦ୍ଦାର ଇଙ୍ଗିତ ପାଇବାକ୍ଷଣି
ଜାଳିଦେବେ ବୋଲି ବିଦ୍ରୋହ-ବହ୍ନି ।
ଜାତୀୟତା ଭାବ ନାହିଁ କାହାର ?
ନହିଁ ଯା' ଜୀବନ ଧିକ ତାହାର ।

୧୧ଶ—ଗ୍ରୀଷ୍ମ-ସନ୍ଧ୍ୟାରେ

ଝିଟିକି [illegible] ଦେଖେ ମେଘ
ଭୂମିକୁ ଚମକାଏ ବିଜୁଳି ବେଗ ।
ସୁଅ ଛୁଟି ବାଆ ଚୁଲେ ଧାଉଡ଼ି
ଉଡ଼େଇ ଧୂଳିଗଡ଼ି ଗଛଙ୍କ ଗଣ୍ଡି ।
ଏକାକାଳେ ଘୁଞ୍ଚି ଅକାଶ କର
ଝର ଝର ପଡ଼େ ବରଷା ଝର ।
ଝପଟି [illegible] କି କଥା କହୁ
ଭୁମ୍ଭୁ ଭୁମ୍ଭୁ ଯାଏ ଭୂଇଁରେ ବହୁ ।
[illegible] ମାଡ଼ିନ ମୁନେ
ଉବାପ କରଇ ସକାଳ ମନେ ।
ଅନ୍ଧାରେ ନ ଦିଶେ ମୁହଁକୁ ମୁହଁ
ବାହି ଘାଟ [illegible] କାହୁଅ ।
ବଜାଏ [illegible] ବିଜୟ-ବାଜା
ସାହ୍ସଙ୍କ [illegible] ରଙ୍ଗିଲି ରଜା ।
କଟର କଟର କୁହାଟ ଭାର
କରେ ଜଣୀଥିଲୁ ବକଠାକାର ।
ଦୀର୍ଘ ଦ୍ରୁମମାନ ଗୋଟିକି ଗୋଟି
ମଡ଼ମଡ଼େ ପଡ଼େ ମଞ୍ଚିରେ ଲୋଟି ।
କେଉଁ କେଉଁ କାଠ ଭାଠର କହୁ
ସବଣେ ବାଉଁଶ ପଡ଼ଇ ଲଇଁ ।

ମଡ଼ମଡ଼ ଡାଙ୍କ ମସକା ଡାଳେ
ଧଡ଼ଧାଡ଼ ଲେଟିଯାଆନ୍ତି ଛଳେ ।
ବରଷା ସାଥେ କି ନିଶା ନିର୍ଜନେ
ମାତିଛନ୍ତି ପ୍ରକୃତି ଭୀଷଣ ରଣେ ।
କଳା କାଦମ୍ବିନୀ ଖଣ୍ଡୁଆ ପିନ୍ଧି
ଦେଉଛନ୍ତି ସର୍ବାଙ୍ଗ ନାଗଡ଼େ ରୁନ୍ଧି ।
ଅଁଧାରୁ ତମସ ମାତଙ୍ଗରାଜେ
ତୀକ୍ଷ୍ଣ ଶର ଧାର ତୋଫାନେ ମାଜେ ।
ଗଛ ଫଟେ ଫଟେ ବିକଟ ସ୍ୱନେ
ପ୍ରଚୁର ସଂଗ୍ରାମ-ବାରତା ବନେ,
ବରଷା ଧାରକୁ ଦ୍ରୁମ ଶାୟକ
ଛେଦେ ମୁହୁର୍ମୁହୁ ଅଂଗି ଫଳକେ ।
ଉଭୟ-ବାହିନୀ ରଣ-ଅରବ
ସରବେ ନିଶୀଥ କାଳ ତାଣ୍ଡବ ।
ଏ ଘୋର ଦୁର୍ଗମେ ଦୁଇ ଧାନୁକୀ
ବୁଲନ୍ତି ସ୍ୱଦେହ ସ୍ନେହ ଉପେକ୍ଷି ।
ବାନ୍ଧପାର ନାରୀ-ବିଳାପ ବନେ,
ନିର୍ଭୟେ ନିଃଶଙ୍କେ ଉଦ୍‌ବେଗ ମନେ ।
ଭିଜନ୍ତି ଭିଜନ୍ତି ଘୋର ବରଷା-ନୀର
ବୁଲୁ ବୁଲୁ ଦୁଇ ଧାନୁକୀ ବୀର,
ସହସା ଦେଖିଲେ ବିଦ୍ୟୁ ଚମକେ,
ପଡ଼ିଛନ୍ତି ଅଦୂର ଉପଲ ବକ୍ଷେ,
ବିସ୍ତ୍ର-ବସନା ଯୁବତୀ ଜଣେ
ସ୍ୱର୍ଣ୍ଣଲତା ସମ ହଉଚେଉନେ ।

ମେଘ ଘଡ଼ଘଡ଼ ରଡ଼ିକୁ ଡର
ଝଡ଼ ପଡ଼ୁଛୁ କି ଶମ୍ପାସୁନ୍ଦରୀ !
ଧରାଧର କର ଗିରି ଗୁହାକୁ
ନେଇଗଲେ ଦୂରେ ଧାନୁକୀ ତାକୁ ।
ଅନଳ ଉତ୍ତାପ ସେବେ ବହୁତ
ଅସ୍ତ୍ରେ ହେଲା ବାଳା ସଚେତ ସୁସ୍ଥ ।
ଆଉ କେହି ନୁହେଁ ସେହି ଯୁବତୀ
ସ୍ୱନହରା ପାଗଳିନୀ କୀରତୀ ।
ମାଉର ନାହିଁ ସେ ପୂରୁବ ସ୍ୱୀତ
ଦେଖିଲା ଲୋକଙ୍କୁ ଜାଏ ଯା' ଭୀତି ।
ଅନଶନେ ଅର୍ଦ୍ଧ ଅଶନେ ରହି
ଖରା ପାଣି ଶୀତ କାକର ସହି,
'ହାପୁଅ' 'ହାପୁଅ' 'ହାପୁଅ' ବୋଲି
ଉନ୍ନିଦ୍ରେ ରଜନୀ ଦିବସ ବୁଲି,
ଶୀର୍ଣ୍ଣ ଶ୍ରାନ୍ତେ ତନୁ ସ୍ୱର୍ଣ୍ଣଲତିକା,
ସଜଫୁଟା କଞ୍ଜ ବଦନ ଫିକା,
ଖେଳା ଖଞ୍ଜରୀଟ ଇକ୍ଷଣ ଲସି
ଯାଇଛୁ କରୁଣେ କୋଟରେ ବସି ।
ଦୁଃଖ ଦାଭଘାତ ଅକଳେ ଲାଗି
ଅବଶ ହୃଦୟୁ ପଡ଼ିଛୁ ଭାଙ୍ଗି ।
ଯାଇଛୁ ପାଲଟି ପୂର୍ବ ପ୍ରକୃତି
ତୋଫାନ ଅସାଡ଼େ ଯଥା ପ୍ରକୃତି ।
ନାହିଁ ସେ ବିକ୍ଷିପ୍ତ ବେଦନା ଝଡ଼
ପଥର ପରାୟେ ହୋଇଛୁ ଜଡ଼ ।

ଉଦାସ ହତାଶେ ବଧିରୀ ପରି
ବୁଲୁଥିଲା ମାତ୍ର ବରସୁନ୍ଦରୀ ।
ବଣ ପରବତ କନ୍ଦରେ ଏକା
ତଥାପି ଥିଲା ତା କରମେ ଲେଖା ।
ସହିବା ପାଇଁକି ଅନ୍ତର ଦୁଃଖ
ଧିକ ଯା’ କରମେ ବିଧି ବିମୁଖ ।
କିରାତକି ଖୋଜି ସେଇ ବନସ୍ତେ
ବୁଲୁଥିଲେ ଜେମା ଚରେ ଗୁପତେ ।
ନିଶା ନିଛାଅଁନେ ତାଙ୍କର ଆଗେ
ପଡ଼ିଲା କିରାତ ଦଇବୀଯୋଗେ ।
ଶିକାର-ସନ୍ଧାନୀ ଶାର୍ଦ୍ଦୂଳ ଭଳି
ସ୍ୱଭାବେ ତ ହେଉଥିଲେ ସେ ଚଳି ।
ପାଇବା ମାତ୍ରକେ ଦ୍ୱିଗୁଣ କ୍ରୋଧେ
ପିଟି ପକାଇଲେ ଅଣଉପ୍ରୋଧେ ।
ନେଇ ଯୁବରାଜ ମୁଦ୍ରିକା କାଢ଼ି
ପଳାଇଲେ ତାକୁ ଏକାକୀ ଛାଡ଼ି ।
ଦେଖାଇ ସେ ମୁଦି ରାଜଜେମାକୁ
ପ୍ରତିଶ୍ରୁତ ପୁରସ୍କାର ନେବାକୁ ।
ଥରେ ହେଲେ ମୂଢ଼େ ଭାବିଲେ ନାହିଁ
“ଆମ ରାଜ-କୁଳବଧୂ ତ ଏଇ ।
କପଟ ନର୍ମମେ ପିଟିବା ଏତେ
ରହିଛି କି ନାହିଁ ଅଧର୍ମ ଏଥେ ।”
ଧିକ ଲୋଭ, ତୋତେ ଧିକ ରେ ଧିକ
ତୋ ଲାଗି କି କରି ନ ପାରେ ଲୋକ ?

ଶୀରଣ କାକୁସ୍ଥ କାନ୍ଦେ କମ୍ପିତ —
ବନଭୂମି ବଣ ହେଲା ଧ୍ୱନିତ ।
ବଟେ ବାଦଲ ଟଗ୍ ମୃଦଙ୍ଗ
ତାଅଁ ଗାଧା ବହ୍ନିଟେକିଆ ପ୍ରିୟକୁ ।
ଯାଉଥିଲେ ଦୁଇ ଧାନୁକା ଟେନେ
ଚକିତେ ସେ ଧ୍ୱନି ଶୁଣିଲେ କର୍ଣ୍ଣେ ।
ଦେଖି ବାଣ ବଇଦେହୀ ବିକଳ
ଚାହିଁଲେ ଜାନକୀ ଚିନ୍ମୟଯୁଗଳେ ।
ଅନ୍ତରିକ୍ଷ ଶୋଭି ଚନ୍ଦ୍ରମା ତାରେ
ତେସନ ଯୁଗଳ ଧାନୁକୀ ବୀରେ ।
ଦୃଷ୍ଟିପୂର୍ଣ ନେତ୍ରେ ଅଳପ ଥକ୍କା
ଅନ୍ୟୋନ୍ୟଙ୍କୁ [illegible] ନାହିଁ ।
ଦାଣ୍ଡପଡ଼ି ପାଞ୍ଚା ଛୁରିତେ ଧାର
ବିପନ୍ନ ଜଙ୍ଘାର ବେଭସା ସାର ।
ଦରମବଳକୁ ତାଙ୍କର ଦୃଷ୍ଟି—
ପଥରେ ପଡ଼ିଲା ଅଜସ୍ର ବୃଷ୍ଟି ।
ତାଙ୍କରି କରୁଣାବଶୁ ଶୀରତ
ଗଲା ସେ ବିପଦୁ ସିନା ବରତ ।
ନୋହିଲେ ତ ଛେଚ୍ଚି ବରଷା ଖାଇ
ମହା ଶୟନରେ ଥାଆନ୍ତା ଶୋଇ ।
ଅପଣା ଆଶ୍ରୟଦାତାଙ୍କ ଆଗେ
କାନ୍ଦ କାନ୍ଦ କୀର୍ତ୍ତି କରୁଣ ରାଗେ;
ଅଦ୍ୟ ପ୍ରାନ୍ତ କର ଯେତେକ କଥା
ଅକୁଣ୍ଠିତ କଣ୍ଠେ କହିଗଲା ତା' ।

ବୋଧ ଦେଇ ଧୀରେ ଦୁଇ ଧାନୁକୀ
କହିଲେ ବୁଝାଇ କର୍ତ୍ତମୀକ ।
ଆପଣା ଦଳର ଉଦ୍ଦେଶ୍ୟମାନ
ବିଶଦସ୍ୱରୂପେ କରି ବଖାଣି ।
ଶୁଣି ସେ ପ୍ରସଙ୍ଗ କୀରଣ୍ଠ ମୂଢ
କୁଆଁ ଖଣ୍ଡେ ପରି ଉଠିଲା ଡାଢ ।
ପ୍ରତିହିଂସା ପ୍ରତିଶୋଧ ଯକାରେ
ନାଚି ଉଠିଲା କି ଭୀମ ଉଲ୍ଲାସେ ।
ବଇରୀ ବନ୍ଧମା ଭାଙ୍ଗିବା ଲାଗି
ସୁପ୍ତ ସିଂହୀ ଅବା ଉଠିଲା ଜାଗି ।
ତତ୍କ୍ଷଣେ କୀରଣ୍ଡ ତାଙ୍କର ସାଥେ
ମିଳିତ ହେଲା ଯାଇ ସେ ସ୍ୱଚ୍ଛନ୍ଦେ ।
ଶାରଦ-ମିଳନ ବାରତା ପାଇ
ଦୀପ୍ତ ଦାମିନୀ କି ଆସିଲା ଧାଇଁ ।
ବାନ୍ଧି ନ ପାରିଲା ବାଳୀଶମାନେ
ଦଳପତି ବୋଲି ତା' ପ୍ରାଣକାନ୍ତ ।
ଦଳପତି ଯୋଗ୍ୟ ଦକ୍ଷ ଲକ୍ଷ୍ୟରେ
ବନ୍ଧୁର ଜୀବନ-ବକ୍ଷର ପାର୍ଶ୍ୱେ ।
ଜାଣି ଶୁଣି ମୁଗ୍ଧା ଅଜାଣ ପରି
ରହିଲେ କୁମାରୀ ସ୍ୱଗତେ ଉଭି ।
ପ୍ରତିହିଂସା ଶାବ ଯୋଷି ଅଶ୍ରଣେ
ରହିଲା କୀରଣ୍ଡ ପତି-ସହରଣେ ।

୧୨ଶ—କାରାବରଣେ

ପଡ଼ିଲା ଚୌଦିଗେ ଚୋର ଚହଳ
ହେଲା ସାରାଦେଶ ଭୟେ ବିହ୍ୱଳ ।
ଚୋର ଚୁହାଡ଼ିଆ ଗୁଳିଚଳନ
ଚୋରର ଚଲାକ ଚତୁରପଣ ।
ଚୋରିର ଅତୀତ ଘଟନା କଥା
ଚୋର ଅତ୍ୟାଚାରୁ ନାହି ବ୍ୟବସ୍ଥା ।
ବିଚାର ଠାଆକୁ ଠାଅ ପକାଇ
ହୁଅନ୍ତି କେ କେତେ ପ୍ରୀତି ଦେଖାଇ ।
ଯହିଁ ଚାହିଁ ତହିଁ ପାଞ୍ଚ ପଚିଶ
ସେଇଆ ହୁଅନ୍ତି ଫୁସୁରୁଫାସ ।
ବିଲ ବାରି ଘର ତୋଟା ବଗିଚା,
ବାଟଘାଟ ତୁଠ କିଆରି ମଞ୍ଚା ।
ପୁଞ୍ଜି ପୁଞ୍ଜି ସବୁ ଜାଗାରେ ହୋଇ
ସେହି କଥା ହେଉଥାଅନ୍ତି କହି ।
ଅଜଟ ଛୁଆକୁ ଶୁଆଇ କୋଳେ
ଚୋର କଥା ମାଆ ଡରାଇ ବୋଲେ ।
ଝିଅବୁଣୀମାନେ ଡର ଚୋରକୁ
ବାହାରନ୍ତି ନାହିଁ କାଡ଼ଘରକୁ ।
ନିଛଟିଆ ସଞ୍ଜ ନ ଲାଗୁ ବାଟ
ବେଳ ଥାଉଁ ପଡ଼େ ଭିଡ଼ି କବାଟ ।

ଜାଗି ରହୁ ଲୋକେ ରାତସାରାଟି
ଜଗି ବସିଥାନ୍ତି ଯେ ଯାହା ପାଣି ।
ଅପରିଚିତଙ୍କୁ ଦେଖିଲେ ଏକା
'ଚୋର' 'ଚୋର' ବୋଲି ପାରନ୍ତି ଡକା ।
ଟିକିଏ ଶବଦ ଶୁଭିଲେ କାହୁଁ
ଚମକି ପଡ଼ନ୍ତି ସେ ଗୃଉଁ ଗୃଉଁ ।
ଦାଉଁ ଦାଉଁ ଛାତି ଦୁଲୁକାଉଠେ
ସଅଁ ସଅଁ ଶ୍ୱାସ ସଜୋରେ ଛୁଟେ ।
କିଏ ଅବା ଚୋର ଅଇଲା ବୋଲି
ପକାଇଦିଅନ୍ତି ଡୁଙ୍ଗାକୁ ଦୁରି ।
ପଡ଼ା ପଡ଼ୋଶୀଙ୍କି କରି ଅନାଛ
ଦେଖାଏ କେ କେତେ ଡରତରଛ ।
ସମସ୍ତେ ଘାନଅଁ ଚୋର ଚିନ୍ତାରେ
ବସିଯାନ୍ତି ହାତ ମାରି ମଥାରେ ।
କାଟିଲା ମେରଅ ପରାଏ ହୋଇ
ସତେ ଅବା ଦେହେ ରକତ ନାହିଁ ।
ରାତି ରାତି ଚୋରେ ନାତପରତ
ଲାଗଜଠା ଖେଦ ଚେଷ୍ଟା କରନ୍ତି ।
ଗୋଟିଏ ଦଉଟି ନୁହନ୍ତି ସେ ତ
ଧରିବାକୁ ଲୋକେ ହେବେ ଉଦ୍ୟତ ।
ଦଟ) କଲେ ହାତହତ୍ୟାର ଧରି
ମାଡ଼ି ଆସୁଛନ୍ତି ପିମ୍ପୁଡ଼ି ପରି ।
ପଲ ପଲ ହୋଇ ଖାଉଙ୍କ ଗାତ
ଧରିବାକୁ ପଢ଼ାଇବ କା ଛାତ ।

ଛାଡ଼ିଦେଇ ଧନ ଜୀବନ ଆଶ
କିଏ ବା କରିବ ଯେତେକ ସାହସ ?
ଅଛୁ ବା କାହାର ତେଜସ୍ୱୀ ଚିତ୍ତ ?
[illegible] ଗତି ।
ବେଳୁ ବେଳ [illegible] ତାରିବାପାଇଁ
ବାଢ଼ିଥିଲା ଯେତେ [illegible] ପଥ ।
[illegible] ଘୋର ତୋ [illegible]
[illegible] ଉପାୟ [illegible] ?
ଅଜି [illegible]
କାଲି ଆଣି ହେବ ମନ୍ତ୍ରୀ ଅପାର ।
[illegible]
[illegible]
[illegible] ପ୍ରୀତ [illegible]
ଥିଲେ ଧନଦ୍ରବ୍ୟ ସଞ୍ଚିତ୍ତ ଭରି;
ସିନ୍ଧୁ କାଟି ରତ୍ନରେ ସବୁଷ ଭରେ
ଲକ୍ଷମାନ୍ତ ଭରି ସର୍ବସ୍ୱ ନେଲେ ।
ଘରଆଡ଼ ଶିଘ୍ର ସମ୍ପତ୍ତି ନେଇ
ଗଲେ ଭଳାଭଳା ବୁଲେଇଦେଇ ।
ଅଜିରେ ଅଙ୍ଗୁଠି ମାରିଲା ପରି
ଦେଖିଲ ଲୋକଙ୍କୁ ଜଳକା ଭରି ।
କାହାକୁ ଖାଣ୍ଟି ବା କାହାକୁ ପିଟି
କାହାକୁ ସଜୋର ଥଣ୍ଡି ଦରିଣି ।
ଦେଶର ଫୁଲ ହୋଇ ଅଛ ସକାଳ
ଲୁଟି ନେଲେ [illegible] ସବୁ ସମ୍ପଦ ।

ଚଉଡେ ଶକ୍ତିଶାଳୀ ଥିଲେ ସେ ଦେଶେ
ପ୍ରାଣ ଦେନା ଲୁଟ ବନ୍ଦିଲେ ଶେଷେ ।

ସମସ୍ତଙ୍କ କାଟି ତିଳକ ଚିତା
ସୈରଯାକ ହେଲେ ଜଗତଜିତା ।

ରାଜାଙ୍କ ଆଦେଶେ ସାଇକି ଯାଇଁ
ବୁଲିଲେ ପାଇକ ଶାସ୍ତ୍ରୀ ସିପାଇ ।

ରାତି ରାତି ଦେଇ ଖାଡ଼ା ପହରା
ଡାକେ 'ହୁସିଆର୍ ହୋ' ପହରାବାଲା ।

ସେନାପତିମାନେ ଥାଆନ୍ତି ଘେରି
ସସଇନେ ପୁରଗଡ ଆଗେରି,

ପାରିକୁ ଛକିଲା ପରାଏ ବାଜ
ବେଳେ ବେଳେ ଢଉ ଚୁଲ୍ଟା ଭଅଙ୍କ ।

କନ୍ଦକନ୍ଦ ଖୋଦ ଗୋଇନ୍ଦାମାନେ
ଲଗିଥାନ୍ତି ଗୁପ୍ତ ଅନୁସନ୍ଧାନେ ।

ଚୋର ଧରିବାକୁ ଉପାୟ ପାଞ୍ଚି
ଛକ ପାଖେ ସବୁ ରହିଲେ ଲୁଚି ।

ଚୋରେ ନ ଜାଣିଲେ ଏତେ ଖବର
ହୋଇଯାଇଛନ୍ତି ପରା ନାଦାର ।

ଅଗଷ୍ଟି ରାଇଜସାରା ଜକାଡ଼ି
ଯାଇଛି ତାଙ୍କର ବହୁତ ବଢ଼ି ।

ଏତେ ସନ୍ଧାନକୁ ଯିବେ ସେ କାହିଁ
ବରଷାକୁ ଡର ଦର୍ଦ୍ଦେ କି ନାହିଁ ?

ଅକଲ୍ ନ କରି ପାରି ଅକଲେ
ପଡ଼ିଗଲେ ସେହି ଫାନ୍ଦେ ସକଳେ ।

ବଜାଇ ସକୁର ସଙ୍କେତ-ଭେରୀ
ସ୍ୱଦଳକୁ ଦେଇଲେ ସତର୍କ କରି ।

ପଳାଇଲେ ସର୍ବେ ପାଇ ଇସରା
ଏକା ଦଳପତି ପଡ଼ିଲେ ଧରା ।
ସ୍ୱଇଚ୍ଛାରେ ଜବା ଦଇବା ଦୋଷେ
ତାଙ୍କୁ ଏକା ସିନା ଜଗା ଯବୁ ସେ ।
ବାନ୍ଧି ରାଜଦୂତେ [illegible]
ନେଇଗଲେ ଧରି [illegible] ।
ସେଇଦେଉଁ ପାଇ [illegible] ଦେଶ
[illegible] ତାର କୁଟିଳ ବେଶ,
ଗୁଞ୍ଜି [illegible]—
"ଏଇ ତ ସେଇ ଯେ ରାଜକୁମାର
ପଟେକା-କନ୍ୟା ଜ ପାଶ ମନ୍ତ୍ର
[illegible] ମନ୍ଦ [illegible] ।"
[illegible]
କେବା କ୍ରୁଦ୍ଧ ହେଲେ, ହାସ୍ତି ତେ ଥାବେ ।
ଅପରାଧୀ ପୁତ୍ର, ପୁତ୍ରର ପିତା
ସ୍ୱୟଂ ଦଣ୍ଡମୁଣ୍ଡ ବଗୁର କର୍ତ୍ତା ।
ନେତ୍ରୁ ଅବିଶ୍ରାମ ବାଦର ଅଶେଷ
ସବୁର ଅକାଙ୍କ୍ଷା ଭସ୍ମ କେ ଭାସେ ।
ଅଚଳ ସଦ୍ଗୁଣ ରାଜନନ୍ଦନ
ଥାଆନ୍ତି ଗମ୍ଭୀରେ ପୋଛି ବଦନ ।
ରାଜାଦେଶେ କାରାପ୍ରହରୀ ତାଙ୍କୁ
ବାନ୍ଧି ନେଇଗଲେ କାରାଗାରକୁ
ପ୍ରଜା ଉପକାରେ ଉତ୍ସର୍ଗି ପ୍ରାଣେ
ଗଲେ ଯୁବରାଜ କାରାକବଳେ ।

୧୩୫—ପୁରସୀମାନ୍ତେ

ନଗର ତୋରଣ ସମୀପ ବନେ
ପଡ଼େ କୋଳାହଳ ଜନ ଗର୍ଜନେ ।
ଘାତ ପ୍ରତିଘାତ ପ୍ରାପତ ମାନ
ସମ୍ମୁଖୀନେ ଯଥା ଯୁଗଳ ସ୍ରୋତ ।
ଉଞ୍ଚାଇ ଉଜ୍ଜ୍ୱଳ ତେଜ ଉଚ୍ଚକୁ
ତର୍ଜି ହେଉଥାନ୍ତି ପରସ୍ପରକୁ ।
ତେସନ ଯୁଗଳ ଜନତା ବେଗେ
ରହୁ ପରସ୍ପରଂ ସମ୍ମୁଖଭାଗେ ।
ବିପକ୍ଷ ପକ୍ଷକୁ ଦେଖାଇ ଡର
ଘୁଞ୍ଚନ୍ତି କୁହାଟ ଥରକୁ ଥର ।
ଏକର ଜିଗୀଷା ଦର୍ପଦଳନେ
ଅପରର ପର ଧର୍ମ ପାଳନେ ।
ଏକର କର୍ତ୍ତବ୍ୟ ଅଟଳ ନିଷ୍ଠା
ଅପରର ପ୍ରଭୁପଣ ପ୍ରତିଷ୍ଠା ।
ଏକ ଅନ୍ୟ ଆଜ୍ଞାବାହକ ଭୃତ୍ୟ
ଅନ୍ୟ ସ୍ୱାଧୀନତା-ସାଧକ ଭକ୍ତ ।
କାହାର ଉତ୍ସାହେ କିଏ ଉଦ୍ୟୁକ୍ତ
କାହା ଲାଗି କିଏ ଭୀତ ବିବ୍ରତ ।
କହିଲେ ଉଭୟ ମନ ନମୁନା
କେହି କାହା ଠାରୁଁ ନ ହେବେ ଊଣା ।

କାହାକୁ ପଛକୁ କେହି ହଟାଇ
ଅଗ୍ରସର ହୋଇପାରନ୍ତି ନାହିଁ ।
ହୋଇବାକୁ ପଦେ ପଶ୍ଚାତପଦ
ନ ବଳଇ ମଧ୍ୟ କାହାରି ହୃଦ ।
ବାତ୍ୟା–ବିକ୍ଷୋଭିତ ତରଙ୍ଗ ପରି
ବିଶାଳ ଜନତା ସାଗର ଥରି,
ହେଲା ଦୋଳାୟିତ କେବଳ ମାତ୍ର
ଚୁମ୍ବି ରାଜଧାନୀ ପଥର ପ୍ରାନ୍ତ ।
ସହସା ସେ ସିନ୍ଧୁ–ଊର୍ମି ବିଦାରି
ଉଭା ହେଲା ଆଗେ ଅପୂର୍ବ ନାରୀ ।
ପାରିଜାତକୁଞ୍ଜେ କମଳା ଅବା
ଘନ ବଳାୟିତ ବିଜୁଳି ପ୍ରଭା !
ଗଜାରୂଢ଼ା ମୁକ୍ତ କୃଷ୍ଣକୁନ୍ତଳା
କର ଯୁଗେ ତୀକ୍ଷ୍ଣ ଖଡ଼୍ଗଫଳା ।
ଜଡ଼ିତ ସର୍ବାଙ୍ଗେ କଜ୍ଜଳ ବାସ
ଫୁଟେ କି ବିଜୁଳି ଛଟେ କି ହାସ ।
ଦରବିକଶିତ ରଦନ ମୋତି
ଉଜ୍ଜ୍ୱଳ ବଦନ ପ୍ରଶାନ୍ତ ଜ୍ୟୋତି ।
ଉନ୍ନତ ନାସିକା ଉଜ୍ଜ୍ୱଳ ଚକ୍ଷୁ
ଚାହିଁ ଚମକିବ ବଇରୀ ବୁକୁ ।
ଅବେଶ ହି ମାତଙ୍ଗ ବାହନେ ଅବା
ସାକ୍ଷାତ ମାତଙ୍ଗୀ ହେଲେ କି ଉଭା !
ସଙ୍କେତେ 'ନୀରବ' କହି ସ୍ୱପକ୍ଷେ
ବୋଇଲା ବିପକ୍ଷ ଦଳନାୟକେ,

କଠୋର କୋମଳ ଗମ୍ଭୀର କଣ୍ଠେ
ଶତ ବୀଣାରେ କି ଝଙ୍କାର ଉଠେ ?
"କିହୋ ସେନାପତେ ! ଏ କେଉଁ ରୀତି
ନାହିଁ କି ତମର ଧରମ ଭୀତି ?
ଅବିବେକୀ ରାଜା ଆଦେଶ ପାଇ
ଆସିଛ ଆମକୁ ଧରିବା ପାଇଁ !
ଧରାଇଦେବ ତ, ପଛରେ ମାତ୍ର
ଏଥିରେ ତମର କି ପୁରୁଷାର୍ଥ ?
ପ୍ରପୀଡ଼ିତେ ପୁଣି କରି ପ୍ରହାର
ମିଳିବ ତୁମଙ୍କୁ କି ଉପକାର ?
ଜାଣ'ତ ରାଜାର ରାଜତ୍ୱ ବଳେ
ଯେ ବିଦ୍ରୋହ-ବହ୍ନି ଘରଙ୍କେ ଜଳେ,
ଥାଇ ନିଜେ ରାଜ-ପାର୍ଷଦ ପଣେ
ସବୁ ତ ଦେଖୁଛ ନଖ-ଦର୍ପଣେ ।
କି ଅବା ଅଧିକ କହିବି ଆଜ
ଗଲା କଥା ସେ ତ ଗଲାଣି ଯାଉ ।
କଥାଏ ପଚ୍ଛୁରେ ମୁହିଁ ମାତର
ଦେଇପାରିବ କି ଯୋଗ୍ୟ ଉତ୍ତର ?
ଦେଇ ଦେଶ ଭାଇ ଗଳାରେ ଫାଶୀ
ତମେ ହେବ କେଉଁ ସ୍ୱରଗବାସୀ ?
ଅନ୍ୟାୟୀଙ୍କୁ ଦେଲେ ପ୍ରଶ୍ରୟ ଏତେ
ଜାଣ କି ନିଜର ପାତକ କେତେ ?
ଜାଣ କି ଏପରି ପ୍ରଭୁର ପ୍ରତି
କି କରିବା ତବ, ହେ ସେନାପତି ?

ଜାଣି କି ଥାଇ ସ୍ୱଶକ୍ତି ସାମର୍ଥ୍ୟ
ନ ଗୃହେଁ ଯେ ଜନ ଦୀନ ଆରତେ,
ଅରଜେ ସେ କେତେ ଅପକୀର୍ତ୍ତି,
ଅନ୍ତରେ ତାହାର ହୁଏ କି ଗତି ?
ଭାବଛ କି ଏହି ବିଦ୍ରୋହ ପାଇଁ
ରାଜା, ମନ୍ତ୍ରୀ, କେମା କେବଳ ଦାୟୀ ?
କର୍ମଚାରୀମାନେ ସାଧୁ ପୁରୁଷ
ନାହିଁ ତାଙ୍କ ତହିଁ ଟିକିଏ ଦୋଷ ?
ତୁଚ୍ଛ ଏ ଛଳନା ସିନା ତମର
ନ୍ୟାୟକୁ ନ ଖାଟେ କଥା ଗୁତର ।
ପ୍ରଭୁପରାୟଣପଣ ଦେଖାଇ
ବୃଥା ସ୍ୱାର୍ଥେ ଯାହା ହେଉଛ ବାଇ ।
ପ୍ରଭୁଭକତର ପରିଚୟକ
କଦାପି ଏ ନୁହେଁ, ସ୍ମରଣ ରଖ ।
ରାଜମନ ରଞ୍ଜି ମଉଜେ ବସି
ଖାଅ ଖାଲି ପ୍ରଜାସର୍ବସ୍ୱ ଶୋଷି ।
ପଦବୀ ଗରବେ ଫୁଲାଇ ବୁକୁ
ଫରଚଟି ଯାହା ହୁଅ ବାଧ୍ୟକୁ ।
ଧିକ ଧିକ ଧିକ ତମର ମନ
ଧିକ ଧିକ ତମ ଜନ୍ମ ଜୀବନ ।
ଭାଇଏ ରହନ୍ତି ଖାଡ଼ା ଉପାସ
ତମେ ଖାଅ ସୁଖେ ପିଠା ପାୟସ ।
ତମର ଭାଇଙ୍କି ନ ମିଳେ ଅନ୍ନ
ତମେ ଦେଖାଅ ଏ ଭଙ୍ଗୀ ଫେସନ ।

ଗୃଖଣ୍ଡେ ମାତର କନା ନ ପାଇ
ବୁଲୁଛନ୍ତି ଅର୍ଦ୍ଧ ଉଲଗ୍ନ ଥାଇ ।
ଦେଖାନ ପଚାଏ ଭାଇଏ ତବ
ଦେଖାଇ ହେଉଛ ତମେ ଏ ଗର୍ବ ?
ସରମ କି ନାହିଁ ତମର ମୁଖେ
ଧରମ ବିଚାର ନାହିଁ କି ଟିକେ ?
ନାହିଁ କି ଉଚିତ କର୍ତ୍ତବ୍ୟ-ଜ୍ଞାନ
ତୁଚ୍ଛାକୁ ଦେଖାଅ ଏ ପ୍ରୌଢ଼ିମାନ ?
ଦସ୍ୟୁପତି ବୋଲି ଯାହାକୁ ଧରି
ରଖିଛ କାରାରେ କଇଦୀ କରି,
ମହତ ମନକୁ ତାର ଟିକିଏ
ତମେ ସବୁ ଲକ୍ଷ୍ୟ ହେବ କି କିଏ ?
ସଞ୍ଚିତ ସମ୍ପତ୍ତି ସେ ସିନା ଲୁଟି
ଦୁଃଖୀରଙ୍କୀ ବେଗି ଦେଇଛନ୍ତି ବାଣ୍ଟି ।
ଶତ ଶତ କ୍ଷୁଧା-କାତର ପ୍ରାଣେ
ବଞ୍ଚାଇ ରଖିଛନ୍ତି ସେ ଧନ ଦାନେ ।
ଅଶରଣେ ଯାହା ଶରଣ ଦେଇ
ଉତ୍ସର୍ଗିଛନ୍ତି ଆତ୍ମସର୍ବସ୍ୱ ସେଇ ।
ପର ପାଇଁ ବରି କାରାବନ୍ଧନ
ହୋଇଛନ୍ତି ଆଶ୍ରିତବୃନ୍ଦ-ବନ୍ଦନ ।
ଏଇ ଯେ ଜନତା ତମରି ଆଗେ
ଦେଖୁଛ ଚବକି ହୁଅଇ ରାଗେ,
ସେଇ ଦଳପତି ତିଆରି ମନ୍ତ୍ରେ
ଜାଣନ୍ତୁ ଦୀକ୍ଷିତ ଏଇ ସମସ୍ତେ

ଆପଣା ପରାଣ ମମତା ଛାଡ଼ି
ଦେଇଛନ୍ତି ରାଜଧାନୀକୁ ଧାଡ଼ି ।
ପ୍ରାଣଦାତା ପ୍ରିୟ ଦଳସାଇଁଙ୍କି
ଅଙ୍କ ମୁକୁଳାଇନେବା ପାଇଁକି ।
ଅଟଳ ତାଙ୍କର ମନ ବଚନ
ଅଟଳ ଉଦ୍ଦେଶ୍ୟ ଅଟଳ ପଣ ।
ତମର ଏ ତରତୁରକୁ ଦେଖି
ଭାବିଛ ସେସବୁ ଡରଯିବେ କି ?
ବୃଥା ତମର ଏ ଆଶା ଆଶ୍ୱାସ
ବୃଥା ମଧ ଜାଣ ବଳ ପ୍ରୟାସ ।
ଛିଡ଼ିଯିବ ପଛେ ମୁଣ୍ଡଟାମାନ
ଛାଡ଼ିଯିବ ପଛେ ପିଣ୍ଡରୁ ପ୍ରାଣ,
ପଡ଼ିଯିବେ ପଛେ ଟଳି ସେ ଭୂମେ
ମାଡ଼ିଯିବ ପଛେ ବୁକୁରେ ତୁମେ,
ଛାଡ଼ିଯିବେ ନାହିଁ ଚଦାପି ଶଙ୍କି
ଆପଣା ଆଶ୍ରୟ ଦଳପତିଙ୍କି ।"
ନାସି ବଜ୍ରବାଣୀ ଦେଲା କି ହାଣି
ସେନାପତି ଦର୍ପ ସମସ୍ତ ଜାଣି ।
ଅନୁତାପ-ଶଲ୍ୟ ଫୁଟାଇ ବୁକୁ
ଫିଟାଇଦେଲା କି ଚେତନା-ଚକ୍ଷୁ ।
ସୁଜ୍ଞାନ-ଅଞ୍ଜଳିବତୀ ଲଗାଇ
ଦେଲା କି କର୍ତ୍ତବ୍ୟ ପଥ ଦେଖାଇ ।
ଯୁବକ କାଳରୁ ଯେ ସେନାପତି
କେବଳ ଜାଣିଲ ସଂଗ୍ରାମକ୍ରୀତି,

ଏଇ ଦେହ ମନେ ଏଇ ହୃଦୟେ
ଏ ଜୀବନେ କେତେ କେତେ ସମୟେ,
ଭାଙ୍ଗି ଦେଇଛନ୍ତି ବୁଲାଇ ଖଣ୍ଡା
ମଣିଷର ମୁଣ୍ଡ ଗଣ୍ଡାକୁ ଗଣ୍ଡା ।
ବସିପଡ଼ି କେତେ ବୁକୁରେ ମାଡ଼ି
ପକାଇ ଅଛନ୍ତି କଲିଜା ଫାଡ଼ି ।
ମଡ଼ା ମଡ଼ା କେତେ ମୁମୂର୍ଷୁ ମୂର୍ଚ୍ଛା ।
ଦଳିଦେଇ ମାରିଅଛନ୍ତି କୁଦା ।
ସମର-ବିଜୟ-ଧ୍ୱଜା ଉଡ଼ାଇ
କେତେ ପୁରୀ ଦେଇଛନ୍ତି ପୋଡ଼ାଇ ।
କରୁଣ ବିକଳ ବିଳାପ କେତେ
ଶୁଣି ଆସିଛନ୍ତି ଅବହେଳତେ ।
କେତେ ତୀର ଖଣ୍ଡା ବରଛା କାତି
ଭାଙ୍ଗିଛି ତାଙ୍କର ବିଶାଳ ଛାତି ।
ଭୀଷଣ ବିପଦ ବଢ଼ି ତୋଫାନ
ସହି ଆସିଛନ୍ତି ମେରୁ ସମାନ ।
ଆଖି ଆଗେ ଦେଖି ଦେଖି ସେ ଯେତେ
କଳନା କରିବ କିଏ ତା' କେତେ ?
ଆଜି ସେହି ବୀରପୁଙ୍ଗବ ପୁଣି
ନାରୀର ପରୁଷ ବଚନ ଶୁଣି,
ହୋଇଗଲେ ଏଡ଼େ ଭଗ୍ନ ଉତ୍ସାହ
ବେଲା ପିଠାଖିଆ ଜୁଆର ପ୍ରାୟ ।
କିବା ମନ୍ତ୍ରମୁଗ୍ଧ ସର୍ପ ସମାନ
ମହତ ବଚନ ଏଡ଼ିକି ଠାଣି ।

ପଛେ ହେଲେ ଆଜ କଥା ନ କହୁ
ମଥା ପୋତିଦେଲେ ମଉନେ ରହୁ ।
ସେତିକେ ପାଇ ସେନାପତି ଇଙ୍ଗିତ
ହୋଇଗଲେ ଦ୍ୱିପକ୍ଷ ଦଳେ ମିଳିତ ।
କହିବା ପାଇଁକି ଶତ୍ରୁମିଳନୟୁ
ମିଳିତ ହେଲେ କି ସାଗରଦ୍ୱୟୁ ।
ନଳ୍ପ ପ୍ରକୃତି ପୋଷିତ ହର୍ଷା
ସୁଲିଚେ ଧାଳିନ୍ତିନାର ସହସା,
ଅମୃତ ମମତା ହେଲେନହେ ପୁଣି
ମୁଗ୍ଧ କଲା ଦେବନ ଦଳ ବାହିନୀ ।
ସମସ୍ୱରେ ସର୍ବେ ଉଠିଲେ ଗାଇ
"ଜୟ ବନେଶ୍ୱରୀ ଭାରତ ମାଇ ।"

୧୪ଶ—କରମ ପଥେ

ଲାଗିଛି କି ମେଣ୍ଢା ଗୁହାଳେ ନିଆଁ,
ରଜାଘରେ ଏଡ଼େ ଗହଳ କିଆଁ ?
ରଥ, ସାରଥି ଆରବ ଛୁଟେ
ଧୂଳି ଧୂଳି ପୃଥ୍ୱୀ ଧୂଳିକି ଉଠେ ।
କାଜଳ ହୋଇ କେ ପଳାଇଯାଏ
ଗୋଡ଼ାଇ ତା ପଛେ ପଛେ କେ ଧାଏଁ ।
କିଏ ବା ଓଠାରି ଧରି କା ଚୁଟି
ଦୁମ୍ ଦୁମ୍ ବିଧା ଦିଅଇ କୁଟି ।
କିଏ ସେ କାହାକୁ ଅକଟେ ଛନ୍ଦ,
ଦିଏ ଦୁରୁ ଦୁରୁ ଗୋଇଠା ଲଦି ।
ଚୁପୁଡ଼ା କେ ଚଟ ଚଟ ବଜାଇ
କାହା ଗାଲ ପାଟି ଦିଏ ପଜାଇ ।
ମୁଥା ମାଟେଡ଼ି କିଏ ବରଇ ନାଦା
ଗାଲ ଢୋଙ୍କଦିଏ କିଏ ବା ଗୁନ୍ଦା ।
କିଏ ଭେଏଁ ଭେଏଁ ବୋବାଳିପାଡ଼େ
କିଏ ସେ କୁକୁଡ଼ୀ କୁହାଟ ଛାଡ଼େ ।
ରଜା, ମନ୍ତ୍ରୀ, ରଜକେମାନଙ୍କୁ ଦେଖି
ରହୁଛନ୍ତି ଗୁରୁପଣ୍ଡୁ ପ୍ରହସି ।
ସେ ପୁରୁବ ଓଜ ଆଜ ତ ନାହିଁ
କଳଙ୍କ-ଘର ଯା ଅଛନ୍ତି ରହି ।

ପୁତ୍ର ଅପରାଧୀ କଇଦୀ ପରି
ତଳକୁ ଅଛନ୍ତି ବଦନ କରି ।
ଦୁର୍ଗ-ଦଳେଶ୍ୱରୀ କାରତ ପାଶେ,
ଆହା, ସେ ଆଖିରେ କି ବ୍ୟଥା ଭାସେ ।
କାହିଁ ଗଲା ସେହି ଦୀପିତ ଠାଣି
କାହିଁ ଗଲା ରାଜା ରାଜସମ୍ମାନ ?
ମୁହୂର୍ତ୍ତକ ତଳୁ ଯେ ଥିଲେ ଗୁର୍ଜର
ଦେଖ ପୁଣି ଜନ୍ମକାନ୍ତ ତାଙ୍କର ।
ଅଗ୍ରଜା ସାଇତେ ନିଜ ଭଉଣେ
ଏଲ୍ଲି ପୁଣି ବନ୍ଦୀ ରତ୍ନାଦେବଙ୍କେ,
ହୋଇ ପୁଣି ତାଙ୍କ କରୁଣା ପ୍ରାର୍ଥୀ ?
କରମଙ୍କୁ ବଡ଼ କେହି ତ ନାହିଁ ।
ଏତେ ଅପମାନ ନ ପାରି ସହି
ରାଜ ଜେମାଦେଈ ଉଠିଲେ କହି—
"ରତ୍ନଦେବ ତୁମେ କଅଣ ନେଲେ
ସେ କଥା ଫିଟାଇ କହ ତ ହେଲେ ।
ଦୋଷୀ ପରି ଏଥି କରାଇ ଠିଆ
ଏଭଳି ଅପମାନ କରୁଛ କିଆଁ ?"
କଳିତ-କୁମାରୀ ନବ ରୂପସୀ
କହିଲେ ଅଳପ ଅଳପ ହସି—
"ଭଦ୍ରଚନ୍ଦ୍ର ପଛେ କରୁଥା ରାଗ
କି ଦେବ ଆମକୁ ଜେମାଦେଈ ଗୋ !
ରାଜାଙ୍କ ସକଳ ଧନ ସମ୍ପତ୍ତି
ସବୁ କି ଆମର ହେଲା ସମ୍ପତ୍ତି ।

ତମର ବୋଲି ତ ତୋଳିବା ପାଇଁ
କଡ଼େ ସୁଦ୍ଧା କାଣୀ କଉଡ଼ି ନାହିଁ ।
ମୁକୁଳି ପଳାଇଯିବା ପାଇଁକି
ଏତେ ହକ ହକ ଅଛ କାହିଁକି ?”
ଏ ବ୍ୟଙ୍ଗ ଉକତି ସହି ନ ପାରି
ବୋଇଲା ମାନିନୀ ରାଜକୁମାରୀ—
“ରାଜ୍ୟ ଧନ ସିନା ସବୁ ତମର
ଅଙ୍ଗ ଅଳଙ୍କାର ଅଛି ତ ମୋର ।”
କଣ୍ଠୁ କଣ୍ଠହାର କାଢ଼ିପକାଇ
କୀରତି ହାତକୁ ଦେଲା ବଢ଼ାଇ ।
ଫିଙ୍ଗିଦେଇ ହାର ତଳକୁ ବେଗେ
ବୋଇଲା କୀରତି ଜେମାକୁ ରାଗେ—
“ପ୍ରଜା ତଣ୍ଟି ଚିପି ସର୍ବସ୍ୱ ନେଇ
ଏ ଦରବ ସିନା ଅଛ ଗଢ଼େଇ ।
ପାପ ଧନ ଏ ଯେ ପାପର ବାପ
ଏହାକୁ ଛୁଇଁଲେ ବିଷମ ପାପ ।
ମୁକୁଳିଯିବାକୁ ଯଦ୍ୟପି ମନ
ତେବେ ଦିଅ ନିଜ ଅର୍ଜିତ-ଧନ ।”
ରାଗ ଗରଗରେ ରାଜଦୁହିତା
କହେ, “କହ ଭଲା ଏ କୋଉ କଥା ?
ଧନସମ୍ପଦ ତ ସର୍ବସ୍ୱ ନେଲ
ଅଳଙ୍କାର ଦେଲେ ପକାଇଦେଲ ।
ଆମର ବା ଅଛି କି ସତ୍ତା ଆଉ
ଅର୍ଜି ଆଣିଦେବୁ ତୁମଙ୍କୁ କାହୁଁ ?”

ବୋଇଲ କାରଣ—"ତୁଚ୍ଛାକୁ ରାଗ
ହୁଏ ଏରୂପର ପଢ଼ିଲେ ବାଗ ।
ତମ ଦେହ ମନ ଅଛି ତମର
ତାହାର ବାଳରେ ମୁକୁଳି ପାର ।
ଅଧିକ ପଢ଼ିଲେ ନୋହିଲେ ନୋହୁ
ଖୋକୁ ନାହିଁ ଅମ୍ଭେ ଅଳପ ବହୁ ।
ମାନ ରହିବାକୁ ଦେଉଥାଏ ମାନ
ଯାହା କହିଲି ହୁଅ ଖଣ୍ଡିତ ମାନ ।"
ବୋଇଲେ ରୋହିମା "ଏ କି କଥା କହୁ ତ
କାହୁଁ ଆଣିଦେବୁ ଖଣ୍ଡିତ ମାନ ?"
ବୋଇଲା କାରଣ "ମନରେ କି ଲଗା
ରହିବାକୁ ? ତୁମେ ସତ୍ କି ବଗା ?
ମନ୍ଦ ଛ ଏତେ ରାଜକିହାଏ
ଭିକ୍ଷା ହେଲେ ମାଗିଦଅ ମୁଠାଏ !"
ଧିକ ରେ ଦଇବ ଧିକ ତୁ ଧିକ,
ରାଜକନ୍ୟା ପୁଣି ମାଗିବ ଭିକ !
ସେ କହି ଧାଇଁଲ ତୁରଙ୍ଗାରନ୍ତ
ସବୁ ଅପଣାର ସେବକ ସାଙ୍ଗାଲେ
କୁହେ ପୁଣି ତାହା ଅଙ୍କ ରତରେ
ଅପଣା ପଦଙ୍କ ଭୃତ୍ୟ ପାଶରେ ।
ତାହା ପୁଣି ହେଲେ କୁହେ ଏକାନ୍ତେ
ଅପଣାର ପତି, ପିତାଙ୍କ ସାଥେ;
ଦାଣ୍ଡେ ଦାଣ୍ଡେ ବାରଦୁଆର ବୁଲି
ପଣ୍ଡେ ପାଉର 'ଦିଅ ଗୋ ବୋଲି ।'

ଦୁଷ୍କର୍ମଟି ବଡ଼ ଦାରୁଣ ରୋଗ
ତାହାର ଫଳ ହିଁ ତା'ର ପ୍ରୟୋଗ ।
ଫଳଭୋଗ ଶେଷ ନ ହେବା ଯାଏ
କଦାପି ସେ ରୋଗ ପାକ ନ ପାଏ ।
ତେଣୁ ଗାଏ କେମା କାମାତା ମାଥେ
କଲେ ଅନୁକୂଳ କରମ ପଥେ ।
ଯେତକ ପୃଥ୍ୱୀକି ଦିଅଇ ଖରା
ସେତକ ଦିଅଇ ବାଦଲ ଧାରା ।
ଯେତକ ଦାଏ ସେ ସେତକ ପାଏ
କାହୁଁ ପାଇବ ଯେ ନ ଦେଇଥାଏ ?
ଦେବାଠାରୁ ଭଲ ନାହିଁ ଧରମ
ଧିକ ସେ ଧରମହୀନ କରମ ।
କରମର କଷ୍ଟ ଏଥିକି ପୁଣି
କେତେ ଯେ [illegible] ଭୁଣି ।
କେତେ ଅଘଟନ ଘଟାଇପାରେ
ନଷ୍ଟନଷ୍ଟା କରେ କେତେପ୍ରକାରେ ।
କରମ ଦୋଷରୁ ସ୍ୱୟଂ ନୃପତି
ଦ୍ୱାରେ ଦ୍ୱାରେ ହେଲେ ଯେତେ କାକୁତି,
ମୁଠେ ମାତ୍ର ଭିକ୍ଷା ପାଇବା ପାଇଁ
କେହୁ ତାଙ୍କୁ ଟିକେ ଗୁହିଁଲେ ନାହିଁ ।
ଧିକ ଧିକ କରି ଅଧିକ ଚଳି
ଦେଖୁ ଦେଖୁ ଦେଲେ ଦୁଆର କଳି ।
ବଡ଼ ଗୁଡ଼ ମାନ ବାଧି ବାହୁର
ବାହ୍ୟେ ବିଷ, ସୁଧା ମରମେ ତା'ର ।

ସେଥିଲାଗି ଅଛୁ କଥନ ବନ୍ଧୁ—
"ପ୍ରଭୁ ଯା କରନ୍ତି ମଙ୍ଗଳ ପାଇଁ ।"
ତେଣୁ ହେଲା ପ୍ରଜା ପକ୍ଷୁତ ବାଣୀ
ପ୍ରଜା କର୍ମଜ୍ଞାନ ପାତକ ପାଣି ।
ଏଣିକି ତପନ ସୀମା ପ୍ରାନ୍ତର
ନାରୀମଳୟଦେଶ ମନ୍ଦ ଗଞ୍ଜିତ ।
ନର୍ମଦା ନିକଟପେ ନଷ୍ଟଜ ପ୍ରାୟ
ହେଲା ଗଲା ମୋହନ୍ତଙ୍କ ହୃଦୟ ।
ପୂର୍ବକୃତ କର୍ମର ପ୍ରାୟଶ୍ଚିତ୍ତ—
ବୋଲି, ସେ ବଣଦେ ହେଲେ ଶବଦତ ।
ନର୍ମ ନର୍ମ ଜଣ୍ଡ ବାରକୁ ବାର
ହେଲା ନିକଟସ୍ଥ ଲଜ୍ଜା ଧିକ୍କାର ।
ଅନୁତାପୀ ଗଏ ଅନୁତପତେ
ଶୁଦ୍ଧଭାବ ହୋଇ ଗଲେ କି ସତେ ।
ସମୀପବର୍ତ୍ତୀ ସଲିଲାଶୟେ
ଗଲେ ଜଳ ଲୋଡ଼ି ତୃଷିତ ହୋଏ ।
ଥିଲେ ତାହା ତଳୁ ଗ୍ରାମ୍ୟରେ ବସି
ଶିଶୁ କୋଳେ ଧରି ଏକ ତାପସୀ ।
ସନ୍ତରୁଣେ ଅଶାନ୍ତତାଣ ହୋଏ
ହେଲେ ଭିକ୍ଷାପ୍ରାର୍ଥୀ ତାପସୀ ପାଏ ।
ଅନାଶି ତାପସୀ ନମ୍ରେଣେ ଧୀରେ
ଙ୍କୋଇଲେ କୋମଳେ ସୁଭଦ୍ର ଗୀରେ—
"ଯାଉ ସତ୍ୟ ସେଏ, ପାଉଛୁ ଜାଣି
ତମର ଅନ୍ତର ଅମ୍ବଳାବାଣୀ ।

ବରତମାନ ତ ଦେଖେ ପ୍ରତ୍ୟକ୍ଷ
ଗ୍ରେଜ୍ୟଙ୍କର ରାଜା ନାଗଙ୍କ ଭକ୍ଷ ।
କୃତ କରମର ଅର୍ଜିତ ଫଳ
ଏହାକୁହିଁ ସିନା କହନ୍ତି କେବଳ ।
କୋହଳେ କି ଛୋଟି ପଦ୍ମା-ପିଠା
ଭଙ୍ଗ ମୁଠେ ପାଇଁ କରନ୍ତେ ଚିନ୍ତା ।
କାହା ହୃଦେ ଦୟା ଦୁଃଖିନ୍ତା ନାହିଁ
ଦେଇ ନାହଁ ଯାହା ପାଇବ କାହିଁ ।
ଏବେ ଇଚ୍ଛ ଯେବେ ଆପ୍ତା ମଙ୍ଗଳ
ପ୍ରକୃତ କର୍ତ୍ତବ୍ୟ ଧରମ ପାଳ ।
ପରର ପୀଡ଼ନ ବରଜ ସ୍ୱାଏ
ସମସ୍ତଙ୍କ ମଣ୍ଡ କ୍ଷେମକ ପ୍ରାଏ ।
ଯହିଁକି ଯୋଗ୍ୟ ଯେ କର ଚାତୁର
ଯାବଦଅ ଭାର ଯଥାଧିକାର ।
ଖଳ ଜାନକୁଛା କଥାରେ ଭୁଲି
ଯାଅ ନା ଦୁଷ୍ଟ ତ ଜନ୍ମାଲେ ବୁଦ୍ଧି ।
ଶୁଣିଲେ ପୁର୍ବ ସୁନ୍ଦର ଗଳ୍ପ
ବଳଙ୍କ ପରାଏ ଲଗିଥିବ ଲଜ୍ଜା ।
ଜନମ କଲୁ ତମର ପାଇଁ
କଷଣ ପାଉଲେ ସ୍ୱୀପାଳକ ପାଇଁ ।
ଯାହାଙ୍କ ମଣିଲ ପରମ ସ୍ନେହୀ
ସାହା ନ ହୋଇବେ ଟିକିଏ ସେହୁ ।
ସମୟର ସାଥି ସକଳ ଲୋକେ
ଅସମୟେ ଏକା ଧରମ ରକ୍ଷେ ।

କହିଲ ନିକର ଜାଣି ଏତଙ୍କ
ସାବଧାନେ ରୁଏ, ରହ ଏଣିକି ।
ଅଶା-ତୃଷାତୁରେ ଏତେ ଅରତେ
ଭସା ମୁଁ ତୋ ଘର ଯାଚିଲ ମତେ ।
କି ଅଛି ମୋର ବା ତୁମଙ୍କୁ ଦେଇ
ମୁକୁଳାଇ ମୁହିଁ ପାରିବ ନେଇ ।
ସମ୍ବଳବହୀନା ତାପସୀ ଏଥି
କା ଦେଇ ଅର୍ଜିବ ରାଜ-ଅତଥି ।
ଏ ବଡ଼ ବିଷମ ସମସ୍ୟା କଥା
ଭାବିଲେ ମରମେ ଲାଗଇ ବ୍ୟଥା ।
ପ୍ରଭୁ-କରୁଣାରୁ କେବଳ ମାନ
ଏକଇ ଭରସା ଅଛି ନୃନାଥ ।
ଏହି ବାଳକଟି ଅଗାଧ ଜଳୁଁ
ପାଇଥିଲି ଧନେ ଦଇବା ବଳୁଁ ।
ଆଜ ତାକୁ ପୁଣି ଭିକ୍ଷାସ୍ୱରୂପେ
ତମର ଶ୍ରୀକରପୁଟେ ଅରପେ ।
ତମର ସର୍ବସ୍ୱ ବିଜେତା କରେ
ଦଅନ୍ତୁ ନେଇ ଏ କାଳ କ୍ରମରେ ।
କି ଜାଣି ଏହାକୁ ପାଇଲେ ସେହି
ପାରଇ ତୁମଙ୍କୁ ମୁକତ ଦେଇ ।”
କହି ତପସ୍ୱିନୀ ଦେଇ ବାଳୁତ
ଜୀବ ପଥେ ହେଲେ ଅନ୍ତରହିତ ।
କିଏ ଏ ଅଜ୍ଞାତ-ଜାତ ଶିଶୁଟି
କରେ ରାଜହୃଦେ ଆହ୍ଲାଦ ବୃଷ୍ଟି ।

ତାହାର ପରଶେ ନରେଶ ହୃଅ
ପୁଲକେ ଭୁଲୁଛି ଉଠର କାଅଁ ?
ନୋହିଲେ କି ସ୍ନେହ ଏହୁ ଶବଦେ
ବୁଡ଼ିଯାଇ ସୁଖା ମୂଦ ମୁଗଧେ ।
ପାସୋର ପକାଇ ଆପଣା ଦୁଃଖ
ଚୁମ୍ବୁ ଥା'ନ୍ତି ଶିଶୁ-ଚନ୍ଦ୍ରମାମୁଖ ।
ହୃଦୟ-ବାତ୍ସଲ୍ୟ-ଉତ୍ସ ବହିଲେ
ସିଞ୍ଚିଉଠୁଥାନ୍ତା ଲୋତକ ଜଳେ !
ବିଶାଳ ଭରତେ ପଦକ ପରି
ଟିଲ ପୁଅଟିକି ଯତନେ ଧରି
ହୋଇଯାଉଥାନ୍ତେ ଏତେ ଅହ୍ଲାଦ
ପାଇଲ୍ଲ ପରିଏ ସରଗ ଗୃନ୍ଧ !
ମୁଠିଏ ମାତର ଭିଖ ଅଭାବେ
ହେଲେହେଁ ହତାଶ ଅକୁଳ ଭାବେ,
ସେଥିକି ସୁତାଏ ନ ଶୋଚ ମନେ
ହେରିଲେ ଭୁଅସେ ପୁନଃ ପ୍ରସନ୍ନେ ।

୧୭ଶ—ସୁଗାସଟନ

ଜୟ୍ କୋଳାହଳ ଉଚ୍ଛୁଳିପଡ଼େ
ବନ୍ଦୀଶାଳା ବଡ଼ ପାଚେରୀ କଡ଼େ ।
କୀରତ ସଦଳବଳେ ଉଲ୍ଲାସେ
ଡାକେ କାରାଘର ଦୁଆର ପାଶେ—
"ଫେଡ଼ିଦିଅ ଦ୍ୱାର ହେ ଦଳପତି,
ନାହିଁ ଆଉ କିଛି ଶଙ୍କନା ଭୀତି ।
ଏ ରାଜ୍ୟ ପରଜା ସବୁ ତମର
ତମର ଗୋଲାମ ଆମେ ମାତର ।
ତମ ମୁଣ୍ଡେ ଶାଢ଼ୀ ବାନ୍ଧିବା ପାଇଁ
ସ୍ୱପ୍ନେ ଉତ୍ସୁକେ ଅଛନ୍ତି ରହି ।
ଆଜି କାହିଁ ଡେରି, ଆସ ହେ ଆସ,
ରାଜଦଣ୍ଡ ଧରି ଗାଦିରେ ବସ ।"
କଳକଣ୍ଠୀ କୀର୍ତ୍ତି କହୁ ଏତିକି
ଡାକୁ ଉଦବେଗେ ଦଳପତିଙ୍କି
ସହସା ଶ୍ରୁତିକି ମନ୍ଥିଲା ତାର
ଚିର ପରିଚିତ କଣ୍ଠ-ଝଙ୍କାର ।
କାର ପୁତ୍ରୀଦରୁ କରୁଣେ ଉଠି
କୀରତ ମରମେ ଗଲା କି ଫୁଟି ?
"କି କାର୍ଯ୍ୟ ମୋହର ନେଇ ଏ ରାଜ୍ୟ
ରାଜ-ଅଭିଷେକେ ଅବା କି କାର୍ଯ୍ୟ ?

ଦୁର୍ଲ୍ଲଭ ନିଧି ଯେ ପାଇ ହରାଏ
ତାର କି କାହିଁରେ ତୃପତି ଥାଏ ?
ପୂରୁବ ଗୌରବ ଦୁଃଖ ଦୁର୍ଗତି
ପାସୋରି ମନରୁ ଅସ୍ଥି କାରଣ !
ନ ଲଭି ମାନାପମାନ କଳ୍ପିତ
ବନ୍ଧୁଙ୍କୁ ଯେବେ ଶତ୍ରୁବାଞ୍ଛିତ —
ପ୍ରେମଟି ଭ୍ରମର ଦେବ ଦେଖାଇ,
ନେବ କି ସିଂହାସନ, ନୋହିଲେ ନାହିଁ ।”
ପୀରତି-ବାତୁଳା କାତର ପ୍ରାଣେ
କି ଭାବ ଖେଳଇ ସେ ଏକା ଜାଣେ ।
ସତେ କି ଅତୀତ ଚିହ୍ନାକୁ ଲଭି
ଫିଟିଗଲା ଶତ ସପନ ଛବି ।
କୁମର-ବିୟୋଗ ବ୍ୟଥାରେ ଲଜ୍ଜି
ଯାଇଥିଲା ଯେଉଁ ପ୍ରଣୟ-କଳୀ
ପ୍ରେମ-ପରିମଳ ପରଶେ ସେ କି
ଫୁଟିଲା ପୁଣି ତା ମୁରଛି ଟେକି !
ଭାଗ୍ୟଦ୍ୱାର ହେଲା ଏଭାବେ ମୁକ୍ତ
ଭଗ୍ନ ହୃଦେ ଅସ୍ଥି ଜଳନ୍ତି ପୁନ ?
ମୁଗ୍ଧ କ୍ଷୁବ୍ଧ ସ୍ତବ୍ଧ କୁମର ପାଶେ
ଗମ୍ଭୀର ବଦନେ ରହି ଉଦାସେ ।
ସେକାଳ ବ୍ୟାକୁଳା ବାଳାର ସଙ୍ଗ
ଭଲିବାକୁ ଭବେ କ୍ଷମ ଏ ଜନ ?
ପୁନଃସ୍ମୃତି ପଥ-ପ୍ରାପତ ମୁଖେ
ଦେଖୁଥିଲା ଧନ୍ଦା ଆହା, କି ଦୁଃଖେ !

ପ୍ରିୟତମ ମୂର୍ତ୍ତି ପୁରତେ ଚାହିଁ
ହୋଇଥିଲା ପ୍ରାଣ ଦ୍ୱିଗୁଣ ତାହି ।
ସହସା ତଡ଼ିତା ବିଷାଦ ତମ
ନିମୀଳିତ ଜ୍ୟୋ, ତାରକା ସମ
ଜେମା ଜାମାତାଙ୍କ ସାଥିରେ ଯାଏ
ଉଦେ ହେଲେ ଆସି ପ୍ରଭାତ ପ୍ରାଏ ।
ଢଳ ଢଳ ବାଳ ଅରୁଣ ପରି
କୀର୍ତ୍ତି କୁମରକୁ କୋଳରେ ଧରି ।
ଏକେ ତ ବିରହୀ ବିଷାଦ ଧୂମେ
ଅନ୍ଧ ହୋଇଥିଲା ବିସ୍ମୟ ଭୂମେ ।
ଅକସ୍ମାତ ଆସି ହରଷ-ଝଡ଼
କୀରତିଙ୍କ କରିଦେଲା କି ଜଡ଼ ?
ଜଳ ଜଳ ଚକ୍ଷେ ଚାହିଁ ଯା କରି
ରହିଗଲା ଚିତ୍ରପିତୁଳୀ ପରି ।
ଦେଖି ଦଳେଶ୍ୱରୀ କୀରତ ସ୍ଥିତି
ପାଇଲେ ସରବେ ସ୍ୱଗତେ ଭୀତି ।
ପଚେ କଥା ଦେବା ପାଇଁ ପଗ୍ଭରି
ସାହସ ଆସିଲା ନାହିଁ କାହାରି ।
କିବା କୁତୂହଳ ଅସ୍ପଷ୍ଟ ଛାଇ
ପକାଇଲା ତାଙ୍କ ବଦନ ଛୁଇଁ ।
କେବଳ କାରଣ ଜାଣିବା ପାଇଁ
ସୋତ୍ସୁକ ନେତ୍ରେ ଯା ରହିଲେ ଚାହିଁ ।
ସଂଶୟ-ସାଗର-ଊର୍ମି ଦୋଳିତା—
କୀରତିର ଜାଣି ମରମ ବ୍ୟଥା,

ଭାରତ-ବତ୍ସଳା ସେହୁ ତାପସୀ
ଉପନୀତ ହେଲେ ସହସା ଆସି
ଦିବ୍ୟ ଜ୍ୟୋତିର୍ମୟୀ ତପସ୍ୱିନୀଙ୍କି
ପୁରତେ ପ୍ରତ୍ୟକ୍ଷେ ନୟନେ ଦେଖି
ଚହିଲେ ଚକିତେ ସକଳ ଲୋକେ
ଭକ୍ତିଭରେ ନମି ନତମସ୍ତକେ ।
ଛଟକ ବିଜୁଳି ଝଙ୍କ ପ୍ରଭା
ଝଲମଲାଇଦେଲା ହୃଦୟ ଅବା ।
ଭାରତ ବଦନା ଚାହିଁ ତାପସୀ
ବୋଇଲେ କୋମଳେ ମୃଦୁଳେ ହସି—
"ତୁଅନା ବିମୁଖ ବତ୍ସେ ଭାରତ,
ଜାଗିଲଣି ତୋର ଶୁଭ ପ୍ରଭାତ ।
କୁମାର ହୃଦୟ ଜଣା ମା, ସମାଜେ
ପ୍ରାଣଭରି ଭଲଆଏ ସେ ତୋତେ ।
ନାହିଁ ତହିଁ ବତ୍ସେ ଆବିଳ କିଛି
ତୋ ପାଇଁ ତା ଚିରମୁକ୍ତ ରହିଛି ।
କେବଳ ତାହାଙ୍କ ସାଧନାବଳେ
କରିଥିଲା ତାକୁ ମୂକ ଅକାଳେ ।
ତେଣୁ ତୋ ବିପଦେ ବଧିର ବାଇ—
ପଶି ବସିଥିଲା ସେ ଫେରି ନ ଚାହିଁ ।
ଉପାଡ଼ିବାରୁ ମୁଁ ପିତୁଳି କଳା ।
କୁମାରର ସ୍ନେହ ବାଇ ଛାଡ଼ିଲା ।
ହାଣ୍ଡି ଉପରୁ ମା, ତୋହର ପାଇଁ
ଅଗାଧ ଜଳେ ସେ ପଡ଼ିଲା ତେଇଁ ।

ସେତିକିବେଳେ ମୁଁ ସନ୍ତୁଷ୍ଟେ ତାଙ୍କୁ
ନେଇଯାଇଥିଲି ପିଲାକୁ ଆସି ।
ଆଜ ପୁଣି ତାକୁ ଭିକ୍ଷା ରୂପରେ
ଅର୍ପଣ କଲି ମା, ରାଜାଙ୍କ କରେ ।
ପାଇଲେ ସେ ଏବେ ତାଙ୍କ ଦାୟାଦ
ଆସିଲୁ ତୁ ଏବେ ତୋ ପତି ପଦ ।
ଆଶୀର୍ବାଦ କରେ ଅୟି ଦୁଃଖିନୀ,
ଏଣିକି ହୁଅ ତୁ ଚିରସୁଖିନୀ ।"
କହି ତପସ୍ୱିନୀ ସଜଳ ଚକ୍ଷେ
କହିଲେ ସମ୍ବୋଧି ନରନାୟକେ—
"ବଧୂ କୁଳଗୋତ୍ର ବୁଝିବା ପାଇଁ
ମହାରାଜ ବ୍ୟସ୍ତ ହୁଅନ୍ତୁ ନାହିଁ ।
ନୁହେଁ ମୋ ଜୀବନ କଦାପି ରାଏ,
ଅଶ୍ଳୀଳ କୁଳଜା ଉଦରଜାଏ ।
ନୁହଇ ଶବରୀ ଗର୍ଭଜାତ
ପାଳିତା କୁମାରୀ କେବଳମାତ୍ର ।
ସବୁରି ସଙ୍କାୟୁ ନୁହିଁ ଜାଣିତ
ଶୁଣନ୍ତୁ ତାର ସେ ଜନ୍ମବୃତ୍ତ ।
ଯେ ଗୋପନ କଥା ଜଗ ସଭରେ
ସାଲିଭଲ ଅଜୟାଏ ମରମେ ।
ଥାଉ ଅନ୍ୟ କାହିଁ ଜାଣିବା କଥା
ନ ଜାଣେ କାହାକୁ ସୁତା ଯା ସତ୍ୟ ।
କେବଳ ଜୀବନ କଲ୍ୟାଣ ଆଶେ
ସତ୍ୟ ସମସ୍ତେ ତା ଆଜି ପ୍ରକାଶେ ।

ତାପସ-ତନୟା ମୁହିଁ କାନନେ
ବିଚରଇ ସଦା ଅଶଙ୍କ ମନେ ।
ଦୈବେ ଦିନେ ଏକ ରାଜକୁମର
ଆଶ୍ରମେ ଅତିଥି ହେଲେ ଅମର ।
ଆଶ୍ରମ ପଦାର ଯାବତ ଭାର
ଅର୍ପି ମୋ ହାତେ ଆଗୁଁ ପିଅର,
ମହତ କଠୋର ତପାଚରଣେ
ରହୁଥିଲେ ଗଙ୍ଗାନଦୀ ପୁଳିନେ ।
ନବାଗତ ରାଜଅତିଥିବରେ
ଅର୍ଚ୍ଚିଲି ମୁହିଁ ବହୁ ସାଦରେ ।
ଅରପି ପରାଣ ମନ ମୋହର
ସେବା ସତକାର କଲି ତାଙ୍କର ।
ତାଙ୍କ ଅମାୟିକ ମାଧୁରୀ ନୀତ
ଦେଇଥିଲା ମୋତେ ଅମୃତ-ପ୍ରୀତ ।
ଦେଇଥିଲି ମୁହିଁ ଯାହା ସକାଶେ
ସର୍ବସ୍ୱ ସମର୍ପି ତାଙ୍କର ପାଶେ;
ଦିନା ଚାରି ପାଇଁ ଆଶ୍ରମେ ରହି
ଗଲେ, ଥିଲେ ତାଙ୍କ ବାହିନୀ ଯହିଁ ।
ଗଲାବେଳେ ମୋତେ ଦେଇ ଏ ମୁଦି
କହିଯାଇଥିଲେ ବହୁତ ବୋଧି—
"ଏ ବିପଦ ପାର ପରେ ପ୍ରେୟସି
ନେଇଯିବି ମୁହିଁ ତୁମ୍ଭଙ୍କୁ ଆସି ।"
ତାଙ୍କର ଅଗମ ମାରଗ ଧ୍ୟାୟି
ରହୁଥିଲି ସଦା ସନ୍ତୁଷ୍ଟେ ଗୃହିଁ ।

ତାପସି-ତନୟା ମୁହିଁ କାନନେ
ବିଚରଇ ସଦା ଅଶଙ୍କ ମନେ ।
ଦିନେକେ ବନେ ଏକ ରାଜକୁମର
ଆଶ୍ରମେ ଅତିଥି ହେଲେ ଆମର ।
ଆଶ୍ରମ ପଦାର ଯାବତ ଭାର
ଅର୍ପି ମୋ ହାତେ ଆଗୁଁ ପିଅର,
ମହତ କଠୋର ତପାଚରଣେ
ରହୁଥିଲେ ଗଙ୍ଗାନଦୀ ପୁଲିନେ ।
ନକାଗତ ରାଜଅତିଥିବରେ
ଅଭ୍ୟର୍ଥିଲି ମୁହିଁ ବନ୍ଦ ସାଦରେ ।
ଅରପି ପରାଣ ମନ ମୋହର
ସେବା ସତ୍କାର କଲି ତାଙ୍କର ।
ତାଙ୍କ ଅମାୟିକ ସାରଲ୍ୟ ନୀତ
ଦେଇଥିଲା ମୋତେ ଅମୃତ-ପ୍ରୀତ ।
ଦେଇଥିଲି ମୁହିଁ ଯାହା ସକାଶେ
ସର୍ବସ୍ୱ ସମର୍ପି ତାଙ୍କର ପାଶେ;
ଦିନା ଚାରି ପାଞ୍ଚ ଆଶ୍ରମେ ରହି
ଗଲେ, ଥିଲେ ତାଙ୍କ ବାହିନୀ ଯହିଁ ।
ଗଲାବେଳେ ମୋତେ ଦେଇ ଏ ମୁଦ
କହିଯାଇଥିଲେ ବହୁତ ବୋଧ—
"ଏ ବିପଦ ପାର ପରେ ପ୍ରେୟସି
ନେଇଯିବି ମୁହିଁ ତୁମ୍ଭଙ୍କୁ ଆସି ।"
ତାଙ୍କର ଆଗମ ମାରଗ ଧ୍ୟାୟି
ରହୁଥିଲି ସଦା ସନ୍ତୁଷ୍ଟେ ରହିଁ ।

ଅସହାୟ ଦେଖି ସବଳେ ତଣ୍ଡ
ରାଜସିଂହାସନ ବସିଲ ମାଣ୍ଡ,
ଅକଣ୍ଟକ ରାଜ୍ୟ ଭୋଗିବ ବୋଲି
ଧବଳଙ୍କୁ ଦେଇ ଦୂରକୁ ଠେଲି;
କର୍ମମେ ଦେଇଛ ଯାହାକୁ ମାର,
ଏହୁ କାରଣଟି ତାହା କୁମାରୀ ।
ବହିଷ୍କୃତ କରାଇଲେ କେବଳ
ବନେ ବନେ ବନମାଳତୀ ବୁଲି ।
କହି ବ୍ୟୋମେ ବିଦ୍ୟୁତ୍ପ୍ରଭା ସଦୃଶ
ସହସା ଛାଡ଼ସି ହେଲେ ଅଦୃଶ୍ୟ ।
କୋଳେ ଧରି କୀର୍ତ୍ତି ପୁତ୍ରକୁ ରାଏ
ରହିଗଲେ ସ୍ତବ୍ଧେ ଅଚଳ ପ୍ରାଏ ।
ହୋଇଯାଇ ପୂର୍ଣ୍ଣ ବାତ୍ସଲ୍ୟ-ମୁଗ୍ଧ;
ପୁତ୍ରର ପ୍ରୀତି ସୁଧାର ସୁଧେ----
ସଦୃଶ ଆନନ୍ଦଦାୟୀ ଅଧିକ
ବୋଲି ପରା ଅଛି କଥା କାଳକ ।
କୀର୍ତ୍ତି-କର ଧରି ରାଜନନ୍ଦନ
କଲେ ମୁଦେ ରାଜ-ପଦ ବନ୍ଦନ ।
ଭଗିନୀ ଭଗିନୀ-ବଲ୍ଲଭ ପଦେ
ବନ୍ଦିଲେ ବେନିଏ ଶ୍ରଦ୍ଧା-ଆନନ୍ଦେ ।
ଥିଲା ଯାହା ଏହୁ ଦଣ୍ଡକ ତଳେ
ପରିପୂର୍ଣ୍ଣ ହା-ହା ହତାଶ ରୋଳେ,
ଉଛଳ ଆନନ୍ଦ-ଉତ୍ସ ଉଠୁଛି
କଲା ତହିଁ ପୁଣି ଅହ୍ଲାଦ ବୃଷ୍ଟି,

ଚଡ଼କ ଚହଟା ରଙ୍ଗ କୁହାଟ
ଚକ ଗୃନ୍ଧାଳିଗା ବିଜୁଳି ନାଟ;
ଗମଗମ ଝାଳ ବୁନ୍ଦା ଗହ୍ୱଦ
ଗୁମ୍ଫିଅ ଗୁଳୁଗୁଳି ବଉଦ
ଧୂଳି ଧୂସରିଆ ଧୂମାଳ ଛଟା
ଡାହୁଣିଆ ବାଙ୍ଗ ଢଙ୍ଗ ଜକୁଟା—
ଅଣସର ଅବସାନେ ଯେପରି
ଶ୍ରାବଣ ଅଧିରା ପଳାଇ ଝର ।
ଭୁଲିଯାଇ ସବୁ ଅତୀତ ବ୍ୟଥା
ଫୁଲ୍ଲବର ରାଗ-ବିରାଗ କଥା
ସ୍ନେହ-ଆଲିଙ୍ଗନେ ଏକୁ ଆରକେ
କଲେ ସମ୍ଭାଷଣ ସସ୍ମିତ ବାକ୍ୟ ।
ସମବେତ ଧନ୍ୟ ଦେଶ ଶୋଭା ଗୁହି
ସମସ୍ୱର ତୋଳି ଉଠିଲେ ଗାଇ—
"ଜୟ ଯୁବରାଜ କଳିଙ୍ଗ-ପତି,
ଜୟ ମା ଜଗତରାଣୀ ଭାରତୀ !"

ସମାପ୍ତ

ମୁଦ୍ରାକର—ଶ୍ରୀ ରମାଚରଣ ମହାନ୍ତି, କଟକ ପବ୍ଲିସିଂ ପ୍ରେସ,
କଟକ—୧୯୫୫